


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ଯା ଦେବୀ ସର୍ବଭୂତେଷୁ...

ବାଲେଶ୍ୱର ❑ ଶୁକ୍ରବାର ୩୧ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 31 July 2026
Vol.No. 36 ■ No.199 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ୍ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## 'କକ୍ରୋଚ୍' କୁହାଯାଉଥିବା ପିଢ଼ିକୁ ଶିବାଜୀଙ୍କ ସହ ତୁଳନା କଲେ ଉଦ୍ଧବ ଠାକ୍‌ରେ



ନୂଆଦିଲ୍ଲୀ,୩୦/୭ : ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ ଜେନ୍-ଜେଡ୍‌ଙ୍କୁ ଛତ୍ରପତି ଶିବାଜୀ ମହାରାଜଙ୍କ ସହ ତୁଳନା କରିଛନ୍ତି । ସେ କହିଛନ୍ତି ଯେ ଆଜିର ପିଢ଼ିକୁ ଯେପରି କକ୍ରୋଚ୍ କୁହାଯାଉଛି, ସେହିପରି ମୋଗଲ ମଧ ମରାଠା ଯୋଦ୍ଧାଙ୍କୁ ଦିନେ ମୂଷା ବୋଲି କହିଥିଲେ। ଯେଉଁମାନଙ୍କୁ କକ୍ରୋଚ୍ ବୋଲି କହି ସେମାନଙ୍କୁ ଦୁର୍ବଳ ବୋଲି ଦର୍ଶାଯାଉଥିଲା ସେମାନେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି । ଉଦ୍ଧବ ନୂଆ ପିଢ଼ିଙ୍କୁ ଛତ୍ରପତି ଶିବାଜୀ ମହାରାଜ ଏବଂ ସନ୍ଥ ଜ୍ଞାନେଶ୍ୱରଙ୍କ ସହ ତୁଳନା କରିଛନ୍ତି । ଯେଉଁମାନଙ୍କୁ କକ୍ରୋଚ୍ ବୋଲି କହି ଅପମାନିତ କରାଯାଉଛି ସେମାନେ ଜେନେରେସନ ଜେଡ୍‌ର ଅଂଶ, ଅର୍ଥାତ୍ ୧୩-୧୪ ରୁ ୨୭-୨୮ ବର୍ଷ ବୟସର ଯୁବବର୍ଗ। ୧୭ ବର୍ଷ ବୟସରେ ତୋର୍ନା ଦୁର୍ଗ ଜିତିବା ସମୟରେ ଛତ୍ରପତି ଶିବାଜୀ ମହାରାଜ କ'ଣ ସେହି ବୟସର ନଥିଲେ କି ବୋଲି ସେ ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି, ଶିବାଜୀ ମହାରାଜ, ତାଙ୍କ କମ୍ ବୟସ ସତ୍ତ୍ୱେ, ମୋଗଲ ସାମ୍ରାଜ୍ୟକୁ ଚ୍ୟାଲେଞ୍ଜ୍ କରିଥିଲେ। ଆଜିର ଯୁବପିଢ଼ିଙ୍କୁ ନିଜର ଦାବି ଉପସ୍ଥାପନରେ କମ୍ ଆକଳନ କରାଯିବା ଉଚିତ୍ ନୁହେଁ। ଯୁବପିଢ଼ିଙ୍କୁ ଅଣଦେଖା କରାଯିବା ଉଚିତ୍ ନୁହେଁ ।

## ଆମ୍ବୁଲାନ୍ସ ଅଭାବରୁ ୨ ଯୁବକଙ୍କ ମୃତ୍ୟୁ: ଚିକିତ୍ସା ବିନା ଆଖିବୁଜିଲେ ମହିଳା

ଯାଜପୁର, ୩୦/୭ (ନି.ପ୍ର): ସଂକଟାପନ୍ନ ଅବସ୍ଥାରେ ଥିବା ୨ ଯୁବ ରୋଗୀଙ୍କୁ ୩ ରୁ ୪ ଘଣ୍ଟା ପର୍ଯ୍ୟନ୍ତ ୧୦୮ ଆମ୍ବୁଲାନ୍ସ ମିଳିଲାନି। ଅନ୍ୟ ଜଣେ ମହିଳା ଚିକିତ୍ସା ଅଭାବରୁ ମୃତ୍ୟୁର ଶିକାର ହୋଇଛନ୍ତି। ଏମିତିରେ ଗୋଟିଏ ପଞ୍ଚାୟତରେ ଗତକାଲି ବିଳମ୍ବିତ ରାତି ୩ ଜଣ ଆଦିବାସୀଙ୍କ ଅକାଳ ମୃତ୍ୟୁ ଅଭିଯୋଗ ହୋଇଛି। ମୃତକମାନେ ହେଲେ ଯାଜପୁର ଜିଲ୍ଲା କାଳିଆପାଣି ଥାନା କାଙ୍କଡ଼ପାଳ ପଞ୍ଚାୟତ ୧୨ ନମ୍ବର ୱାର୍ଡ ଗିରିଙ୍ଗାମାଳି ଗାଁର ଅନାମ ସିରକା ଓରଫ୍ ଟାଉ(୩୦) ଏବଂ ୧୪ ନମ୍ବର ୱାର୍ଡ ଝରଣାସାହିର ମଟ ମୁଣ୍ଡା ଓରଫ୍ ଲିପୁନ(୨୧) ଓ ଗୁରୁବାରୀ ବିରୁଆ(୫୫)। ଗିରିଙ୍ଗାମାଳି ଗାଁର ମଟକା ସିରକାଙ୍କ ପୁଅ ଅନାମ ପଡ଼ୋଶୀ ଗନ୍ତାୟତ କାଟେଣି ଗାଁରେ ମଙ୍ଗଳବାର ଦିନ ସଂଧ୍ୟା ପର୍ଯ୍ୟନ୍ତ ପାୱାର ଟିଲର ଚଳାଇ ଜମି କାଦୁଅ କରିଥିଲେ। ଅଧିକ ପରିଶ୍ରମ ପାଇଁ ଗତକାଲି ସକାଳ ୧୦ଟା ପର୍ଯ୍ୟନ୍ତ ଶୋଇଥିଲେ। ମଧ୍ୟାହ୍ନ ଭୋଜନ ପରେ ହଠାତ୍ ରକ୍ତବାନ୍ତି କରି ଅସୁସ୍ଥ ହୋଇପଡ଼ିଥିଲେ ବୋଲି ପତ୍ନୀ ସଞ୍ଜୁ କହନ୍ତି। ଅପରାହ୍ଣ ୪ଟାରୁ ୧୦୮କୁ ବାରମ୍ବାର କଲ୍ ସତ୍ତ୍ୱେ ଆମ୍ବୁଲାନ୍ସ ଉପଲବ୍ଧ ହୋଇନଥିଲା ବୋଲି ସଞ୍ଜୁ ଅଭିଯୋଗ କରନ୍ତି। ଏଣେ ତୁହାକୁତୁହା ଲଗାଣ ବର୍ଷା ପାଇଁ ୨ ଶିଶୁକନ୍ୟା ଖୁସି(୮) ଓ ଇସାନି(୫)ଙ୍କୁ ସାଥୀରେ ଧରି ଘରୁ ଗୋଡ଼ କାଢ଼ିବାକୁ ସାହସ ହେଉନଥାଏ। ପୁଅର ଚିକିତ୍ସା ସହାୟତା ପାଇଁ ବୃଦ୍ଧା ମାଆବାପା ନିରୁପାୟ। ସକାଳୁ ବର୍ଷା ଛାଡ଼ିଲେ ଗାଡ଼ି ଭଡ଼ାକରି ସ୍ୱାମୀଙ୍କୁ ମେଡିକାଲ୍ ନେବା ପାଇଁ ସଞ୍ଜୁ ଯୋଜନା କରିଥିଲେ। ହେଲେ ବିଳମ୍ବିତ ରାତି ତାଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। ଝରଣାସାହିର ରୀନା ଓ ସନାତନ(ଦଶରା) ମୁଣ୍ଡାଙ୍କ ପୁଅ ଲିପୁନଙ୍କୁ ମଙ୍ଗଳବାର ଦିନ ଜର ହୋଇଥିଲା। ଗତକାଲି ଦେହର ତାତି ଅସ୍ୱାଭାବିକ ଭାବେ ବଢ଼ି ଯାଇଥିଲା। ବଡ଼ଭାଇ ମଙ୍ଗଳ ତାଙ୍କୁ ବାଇକ୍‌ରେ ବସାଇ ଗାଁ ଠାରୁ ପାଖାପାଖି ୮ କିଲୋମିଟର ଦୂର ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନଳ ଗାଁରେ ଥିବା ଏକ କ୍ଲିନିକ୍ ଆଣିଥିଲେ। ରକ୍ତ ପରୀକ୍ଷଣରୁ ଲିପୁନ ମ୍ୟାଲେରିଆ ଓ ଟାଇଫଏଡ୍‌ରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ◆◆ପୃଷ୍ଠା ୭

## ବହୁଚର୍ଚ୍ଚିତ ଶୁଭଶ୍ରୀ ନାୟକ ହତ୍ୟା ମାମଲା: ସ୍ୱାମୀ ଓ ଗାର୍ଲଫ୍ରେଣ୍ଡଙ୍କୁ ଆଜୀବନ କାରାଦଣ୍ଡ


ଭୁବନେଶ୍ୱର, ୩୦/୭ (ନି.ପ୍ର): ଭୁବନେଶ୍ୱର ଭରତପୁର ଥାନା ଅଞ୍ଚଳର ବହୁଚର୍ଚ୍ଚିତ ଶୁଭଶ୍ରୀ ନାୟକ ହତ୍ୟା ମାମଲାରେ ଆସିଛି ଐତିହାସିକ ରାୟ । ଖୋର୍ଦ୍ଧା ଜିଲ୍ଲା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍-୨ କୋର୍ଟ ଅଭିଯୁକ୍ତ ସ୍ୱାମୀ ପ୍ରଦ୍ୟୁମ୍ନ ଦାସ ଓ ତାଙ୍କ ଗାର୍ଲଫ୍ରେଣ୍ଡଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି । ଏହା ସହ ଉଭୟଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଜରିମାନା ମଧ୍ୟ କରାଯାଇଛି । ଘଟଣାର ମାତ୍ର ଦେଢ଼ ବର୍ଷ ମଧ୍ୟରେ କୋର୍ଟ ଏହି ରାୟ ଦେଇଛନ୍ତି । ୨୦୨୪ ଅକ୍ଟୋବର ୨୮ ତାରିଖରେ ଭରତପୁର ଥାନା ଅଞ୍ଚଳରେ ଘଟିଥିଲା ଏହି ଛାତିଥରା ହତ୍ୟାକାଣ୍ଡ । ପରିକୀୟା ପ୍ରେମ ସମ୍ପର୍କକୁ ନେଇ ସ୍ୱାମୀ ପ୍ରଦ୍ୟୁମ୍ନ ଦାସ ନିଜ ପତ୍ନୀ ଶୁଭଶ୍ରୀ ନାୟକଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ତଦନ୍ତରେ ସାମ୍ନାକୁ ଆସିଥିଲା ଯେ, ଆନାସ୍ଥେସିଆର ଓଭରଡୋଜ୍ ଦେଇ ଶୁଭଶ୍ରୀଙ୍କ ଜୀବନ ନେଇଥିଲେ ଅଭିଯୁକ୍ତମାନେ । ଏହି ହତ୍ୟା ଷଡ଼ଯନ୍ତ୍ରରେ ପ୍ରଦ୍ୟୁମ୍ନଙ୍କ ସହ ତାଙ୍କର ଦୁଇ ମହିଳା ବନ୍ଧୁଙ୍କ ସମ୍ପୃକ୍ତି ଥିବା ତଦନ୍ତରୁ ଜଣାପଡ଼ିଥିଲା । ଉଭୟ ମହିଳା ଏକ ଘରୋଇ ହସ୍ପିଟାଲରେ ନର୍ସ ଭାବେ କାମ କରୁଥିଲେ । ଫାର୍ମାସିଷ୍ଟ ଥିବା ପ୍ରଦ୍ୟୁମ୍ନ ଓ ତାଙ୍କ ସହଯୋଗୀମାନେ ମିଶି ହତ୍ୟାର ଯୋଜନା କରିଥିବା ଅଭିଯୋଗ ହୋଇଥିଲା । ଏହି ମାମଲା ସାରା ରାଜ୍ୟରେ ଚର୍ଚ୍ଚାର କାରଣ ହୋଇଥିଲା । କୋର୍ଟଙ୍କ ରାୟ ପରେ ପୀଡ଼ିତ ପରିବାରକୁ ନ୍ୟାୟ ମିଳିଥିବା କୁହାଯାଉଛି । ଦେଢ଼ ବର୍ଷ ମଧ୍ୟରେ ମାମଲାର ଶୁଣାଣି ଶେଷ କରି ଦଣ୍ଡାଦେଶ ଦେବା ଘଟଣାକୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି ।

## ଦୀପାବଳି ସୁଦ୍ଧା ମହାନଦୀ ଜଳ ବିବାଦର ହେବ ସମାଧାନ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୩୦/୭ (ନି.ପ୍ର): 'ଦୀପାବଳି ବେଳକୁ ଛତିଶଗଡ଼ ସହିତ ମହାନଦୀ ଜଳ ବିବାଦର ସମାଧାନ ନିଶ୍ଚିତ ଭାବେ ହୋଇଯିବ।' ଆଜି ନୂଆଦିଲ୍ଲୀରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି. ଆର. ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏକ ଉଚ୍ଚ ସ୍ତରୀୟ ବୈଠକରେ ଯୋଗ ଦେବା ପରେ ଏହି କଥା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ବୈଠକରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁ ଦେବ ସାଏ ଓ ଦୁଇ ରାଜ୍ୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ ଏହି ବୈଠକରେ ଓଡ଼ିଶାର ଅଧିକାର, ଚାଷୀକୂଳଙ୍କ ଭବିଷ୍ୟତ ଏବଂ ରାଜ୍ୟର ଜଳସମ୍ପଦର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆମର ପକ୍ଷକୁ ଦୃଢ଼ତାର ସହ ଉପସ୍ଥାପନ କରାଯାଇଛି। ଉଭୟ ରାଜ୍ୟ ମଧ୍ୟରେ ଗଠନମୂଳକ ଆଲୋଚନା, ପାରସ୍ପରିକ ସହଯୋଗ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଭିମୁଖ୍ୟ ମାଧ୍ୟମରେ ମହାନଦୀ ଜଳ ସମସ୍ୟାର ଏକ ସ୍ଥାୟୀ, ଆପୋଷ ଓ ସନ୍ତୋଷଜନକ ସମାଧାନ ବାହାର କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ସେ କହିଛନ୍ତି ଯେ କେନ୍ଦ୍ର ଜଳ ଆୟୋଗଙ୍କ ଉପସ୍ଥିତିରେ ଆଲୋଚନା ହେବ। ଏହି ଆଲୋଚନା ଅଧିକାରୀ ସ୍ତରରେ ବି ହେବ। ଆଗାମୀ ୩ ମାସ ପର୍ଯ୍ୟନ୍ତ ଏହି ଆଲୋଚନା ଜାରି ରହିବ। ସେ ଆଶା କରୁଛନ୍ତି ଯେ ଏହି ୩ ମାସ ମଧ୍ୟରେ ମହାନଦୀ ଜଳ ବଣ୍ଟନ ଓ ପରିଚାଳନାକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଯେଉଁ ସମସ୍ୟାଗୁଡ଼ିକ ରହିଛି, ତା'ର ସମାଧାନ କରାଯିବ। ଛତିଶଗଡ଼ ସରକାର ବି ଏଥିରେ ସହମତି ପ୍ରକାଶ କରିଛନ୍ତି। ଆସନ୍ତା ଦୀପାବଳି ବେଳକୁ ନିଶ୍ଚିତ ଭାବେ ଏହି ସମସ୍ୟାର ସମାଧାନ ହୋଇଯିବ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ମଧ୍ୟ ସମାନ ଆଭିମୁଖ୍ୟ ରଖିଛନ୍ତି। ଆମେ ପ୍ରଥମରୁ ଏଥିରେ ସହମତ ଥିଲୁ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଳମ୍ବରେ ସହମତ ହେଲେ। ସେ ସହମତ ହେଲା ପରେ ହିଁ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ଏହି ବୈଠକ ଆହ୍ୱାନ କରିଥିଲେ। ଏହି ବୈଠକରେ ସକାରାତ୍ମକ ଆଲୋଚନା ହୋଇଛି। ଆଗାମୀ ୩ ମାସ ମଧ୍ୟରେ ନିଶ୍ଚିତ ଭାବରେ ଗୋଟିଏ ଭଲ ସିଦ୍ଧାନ୍ତରେ ପହଞ୍ଚିବୁ। ଟ୍ରିପଲ୍ ଇଞ୍ଜିନ୍ ସରକାରରେ ନିଶ୍ଚିତ ଭାବେ ଏହି ବିବାଦର ସମାଧନ ହେବ।

## ମହାନଦୀରେ ଚଳିତ ବର୍ଷର ସବୁଠାରୁ ବଡ଼ ବନ୍ୟା : ମୁଣ୍ଡଳିରେ ପ୍ରବାହିତ ୯ଲକ୍ଷରୁ ଅଧିକ କ୍ୟୁସେକ୍ ଜଳ



ଭୁବନେଶ୍ୱର, ୩୦/୭ (ନି.ପ୍ର): ମହାନଦୀରେ ଚଳିତ ବର୍ଷର ସବୁଠାରୁ ବଡ଼ ବନ୍ୟା । ମୁଣ୍ଡଳିରେ ପ୍ରବାହିତ ୯ଲକ୍ଷରୁ ଅଧିକ କ୍ୟୁସେକ୍ ଜଳ। ତଳିଆ ଅଂଚଳରେ ଆଜି ରାତି ସୁଦ୍ଧା ପଶିବ ପାଣି । କଟକ, ଜଗତସିଂହପୁର, ପୁରୀ, କେନ୍ଦ୍ରାପଡାକୁ ବିପଦ ଆଶଙ୍କା । ସ୍ଥିତି ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ମହାନଦୀରେ ଜଳସ୍ତର ବୃଦ୍ଧି ଓ ବନ୍ୟାସ୍ଥିତିକୁ ଦୃଷ୍ଟିରେ ରଖି ଧବଳେଶ୍ୱର ପୀଠରେ କଟକଣା । ୪୮ ଘଣ୍ଟା ପାଇଁ ଧବଳେଶ୍ୱର ଦର୍ଶନ ବନ୍ଦ ରହିବ । ଆଠଗଡ଼ ଉପଜିଲ୍ଲାପାଳ ଏହି କଟକଣା ଜାରି କରିଛନ୍ତି। ଆଜି ଅପରାହ୍ଣ ୪ଟାରୁ ଅଗଷ୍ଟ ୧ ପର୍ଯ୍ୟନ୍ତ କଟକଣା ଲାଗୁ ହୋଇଛି । କଟକଣାର କଡ଼ାକଡ଼ି ଅନୁପାଳନ ପାଇଁ ଆଠଗଡ଼ ତହସିଲଦାର ଏବଂ ଗୁରୁଡ଼ିଝାଟିଆ ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟରେ ବନ୍ୟାସ୍ଥିତିକୁ ନେଇ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ବଡ଼ ସୂଚନା । ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ୨୦ଟି ଜିଲ୍ଲାର ରିପୋର୍ଟ ହସ୍ତଗତ ହୋଇଛି । ୨୦ଟି ଜିଲ୍ଲାର ୧୦୦ଟି ବ୍ଲକ ପ୍ରଭାବିତ ହୋଇଛି । ୫୩୯ ଗ୍ରାମ ପଞ୍ଚାୟତର ୧୪୫୮ଟି ଗାଁ ଏବଂ ୧୪ଟି ସହରାଞ୍ଚଳର ୧୭୬ ୱାର୍ଡ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛି । ୭ ଲକ୍ଷ ୫ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ଏବେ ୧ ଲକ୍ଷ ୮୧ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ୫୨୦ଟି ରିଲିଫ କେନ୍ଦ୍ର କାର୍ଯ୍ୟ କରୁଛି । ଲୋକେ ପାଣି ଘେରରେ ଥିବା ଯାଏଁ ରିଲିଫ ସେଣ୍ଟର ଚାଲିବ ବୋଲି କହିଛନ୍ତି ମନ୍ତ୍ରୀ । ◆◆ପୃଷ୍ଠା ୭


## ଆକାଶମାର୍ଗରୁ ବନ୍ୟା ସ୍ଥିତିର ସମୀକ୍ଷା କଲେ ମନ୍ତ୍ରୀ ସୁରେଶ ପୂଜାରୀ

ଭୁବନେଶ୍ୱର, ୩୦/୭ (ନି.ପ୍ର): ରାଜ୍ୟରେ ଜାରି ରହିଥିବା ବନ୍ୟା ପରିସ୍ଥିତିର ଅନୁଧ୍ୟାନ କରିବା ପାଇଁ ଆଜି ଆକାଶମାର୍ଗରୁ ସମୀକ୍ଷା କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ହେଲିକପ୍ଟର ଯୋଗେ ମନ୍ତ୍ରୀ ବନ୍ୟା ପ୍ରଭାବିତ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲ୍ଲା ପରିଦର୍ଶନ କରି ସ୍ଥିତିର ବିସ୍ତୃତ ସମୀକ୍ଷା କରିଛନ୍ତି । ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ କେନ୍ଦୁଝର ଜିଲ୍ଲାର ବନ୍ୟାଞ୍ଚଳ ଏବଂ ଜଳବନ୍ଦୀ ହୋଇ ରହିଥିବା ଗାଁଗୁଡ଼ିକର ସ୍ଥିତି ଅନୁଧ୍ୟାନ କରିଛନ୍ତି । ବନ୍ୟା ପାଣି କେଉଁ ସ୍ତରରେ ରହିଛି ଏବଂ ଲୋକମାନେ କିଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ସେ ନେଇ ସେ ପ୍ରତ୍ୟକ୍ଷ ଭାବେ ନିରୀକ୍ଷଣ କରିଛନ୍ତି । ମନ୍ତ୍ରୀଙ୍କ ସହିତ ଏହି ଆକାଶମାର୍ଗ ପରିଦର୍ଶନ ସମୟରେ ରାଜସ୍ୱ ଓ ବିପର୍ଯ୍ୟୟ ◆◆ପୃଷ୍ଠା ୭

## ମଦ ବେପାରୀଙ୍କ ଘରୁ ପିସ୍ତଲ, ଦେଶୀ ବନ୍ଧୁକ: ଫେରାର ଅଭିଯୁକ୍ତ ଗିରଫ

ସୁନ୍ଦରଗଡ଼, ୩୦/୭ (ନି.ପ୍ର): ଦେଶୀ ମହୁଲ ମଦ କାରବାର ଅଭିଯୋଗକୁ ନେଇ ବୁଧବାର ତଳସରା ଥାନା ରୁନିପାନି ଗାଁ ଫଲିନ୍ଦ୍ର ସିଂହ (୩୭)ଙ୍କ ଘରେ ଅବକାରୀ ଓ ପୁଲିସ ମିଳିତ ଚଢ଼ାଉ କରିଥିଲା। ଘର ତଲାସୀ ବେଳେ ପ୍ରାୟ ୨ କ୍ୱିଣ୍ଟାଲ ମହୁଲ ପୋଚ ସହ ଘର ଭିତରୁ ୨ଟି ଦେଶୀ ପିସ୍ତଲ, ୨ଟି ମାଗାଜିନ୍ ଓ ୩ଟି ଜୀବନ୍ତ ଗୁଳି ଜବତ ହୋଇଥିଲା। ତେବେ ଫଲିନ୍ଦ୍ର ପୁଲିସକୁ ଚକମା ଦେଇ ନିକଟସ୍ଥ ଜଙ୍ଗଲକୁ ଫେରାର ହୋଇଯାଇଥିଲା। ତଳସରା ଥାନା ଅଧିକାରୀ ଯଶୋବନ୍ତୀ ବାଗ କହିଛନ୍ତି, ଏନେଇ ଧାରା ୨୫(୧-ବି)(ଏ) ଅସ୍ତ୍ରଶସ୍ତ୍ର ଆଇନରେ ଏକ ମାମଲା ରୁଜୁ କରାଯାଇଥିଲା। ସୁନ୍ଦରଗଡ଼ ଆରକ୍ଷୀ ଅଧୀକ୍ଷକ ଅମୃତପାଲ କୌରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଳସରା ଥାନାର ଏକ ସ୍ୱତନ୍ତ୍ର ଟିମ୍ ତନାଘନା ଚଳାଇ ଗୁରୁବାର ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଛି। ସନ୍ଧ୍ୟାରେ ଫଲିନ୍ଦ୍ର କୋର୍ଟ ଚାଲାଣ କରାଯାଇଛି। ଏହା ସହ ତାର ପୂର୍ବତନ ଅପରାଧ କାର୍ଯ୍ୟକଳାପ ଓ ବେଆଇନ ଅସ୍ତ୍ରଶସ୍ତ୍ର ସଂଗ୍ରହର ଉତ୍ସ ସମ୍ପର୍କରେ ତଦନ୍ତ ଚାଲିଛି। ଏସଆଇ ବିଜୟ କୁମାର ଦେହୁରୀ ଏହି ମାମଲାର ତଦନ୍ତ ଭାର ଗ୍ରହଣ କରିଛନ୍ତି।

## ପ୍ରବଳ ହଙ୍ଗାମା ମଧ୍ୟରେ ଲୋକସଭାରେ ବନ୍ଦେ ମାତରମ୍ ବିଲ୍ ପାରିତ



ନୂଆଦିଲ୍ଲୀ,୩୦/୭ : ସଂସଦରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଉପସ୍ଥିତି ଦାବିରେ ସଂସଦର ଉଭୟ ସଦନରେ ଗୁରୁବାର ପ୍ରବଳ ହଙ୍ଗାମା ଦେଖିବାକୁ ମିଳିଛି । ଗୁରୁବାର ଲୋକସଭାରେ ବିରୋଧୀଙ୍କ ହଙ୍ଗାମା ମଧ୍ୟରେ ଜାତୀୟ ସମ୍ମାନ (ସଂଶୋଧନ) ବିଲ୍, ୨୦୨୬କୁ ବାଚନିକ ଭୋଟ ମାଧ୍ୟମରେ ପାରିତ କରାଯାଇଥିଲା। ବିରୋଧୀ ସଦସ୍ୟଙ୍କ ବିରୋଧ ଯୋଗୁଁ ଗୃହକୁ ଶୁକ୍ରବାର ସକାଳ ୧୧ ଟା ପର୍ଯ୍ୟନ୍ତ ମୁଲତବି ରଖାଯାଇଛି । ଏହି ବିଲ୍ ରାଜ୍ୟସଭାରେ ପାରିତ ହୋଇସାରିଛି । ଅନ୍ୟପକ୍ଷରେ ରାଜ୍ୟସଭାରେ ଗୁରୁବାର ସାର୍ବଜନୀନ ପରୀକ୍ଷା (ଅସାଧୁ ମାଧ୍ୟମ ନିବାରଣ) ସଂଶୋଧନ ବିଲ୍ ୨୦୨୬ ଉପସ୍ଥାପନ କରାଯାଇଛି। ବିଲ୍‌କୁ ନେଇ ଲୋକସଭାରେ ଦୀର୍ଘ ସମୟ ଧରି ବିତର୍କ ପରେ ବୁଧବାର ପାରିତ ହୋଇଥିଲା। ରାଜ୍ୟସଭାରେ ବିଲ୍ ଉପରେ ବିତର୍କବେଳେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ କହିଥିଲେ ଯେ, ନୂଆ ବିଲ୍‌ରେ କିଛି ନୂଆ ନାହିଁ। ସେ କହିଥିଲେ ଯେ, ପରୀକ୍ଷା ପରିଚାଳନା ପଦ୍ଧତିରେ ସଂସ୍କାର ଦ୍ୱାରା ହିଁ ପ୍ରକୃତ ପରିବର୍ତ୍ତନ ଆସିପାରିବ। ଖଡ଼ଗେ କହିଛନ୍ତି, ୨୦୨୪ ମସିହାରେ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନପତ୍ର ଲିକ୍ ରୋକିବାକୁ କଠୋର ଆଇନ ଆଣିବା ପାଇଁ ଦାବି କରିଥିଲେ। ◆◆ପୃଷ୍ଠା ୭

## ଅତ୍ୟାବଶ୍ୟକ କ୍ଷେତ୍ରରେ ପେଲେଟ୍ ଗନ୍ ବ୍ୟବହାର କରାଯାଇପାରିବ: ସୁପ୍ରିମ୍‌କୋର୍ଟ



ନୂଆଦିଲ୍ଲୀ,୩୦/୭ : ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ସମୟରେ ପୁଲିସ ପେଲେଟ୍ ଗନ୍ ବ୍ୟବହାର କରିପାରିବ, କିନ୍ତୁ ତାହା କେବଳ ଅତ୍ୟନ୍ତ ଅସାଧାରଣ ପରିସ୍ଥିତିରେ ହେବା ଉଚିତ ବୋଲି ସୁପ୍ରିମ୍‌କୋର୍ଟ ଗୁରୁବାର ମନ୍ତବ୍ୟ ଦେଇଛନ୍ତି । ଜନ୍ତରମନ୍ତରରେ ନିଟ୍ ପେପର ଲିକ୍ ପ୍ରତିବାଦ ସମୟରେ ପେଲେଟ୍ ଗନ୍ ବ୍ୟବହାରକୁ ନେଇ ହୋଇଥିବା ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ରାପିଡ୍ ଆକ୍ସନ୍ ଫୋର୍ସ (ଆରଏଏଫ୍)ର ଗୁଳିଗୋଳା ବ୍ୟବହାର ସମ୍ପର୍କିତ ସମସ୍ତ ରେକର୍ଡ ସଂରକ୍ଷଣ କରିବାକୁ କହିଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠରେ ବିଚାରପତି ଜୟମାଲ୍ୟ ବାଗ୍‌ଚୀ ଓ ବିଚାରପତି ଭି. ମୋହନା ଏହି ମାମଲାର ଶୁଣାଣି କରିଥିଲେ । ଆବେଦନକାରୀଙ୍କ ପକ୍ଷରୁ ଆଇନଶୃଙ୍ଖଳା ପରିସ୍ଥିତିରେ ଧାତବ ପେଲେଟ୍ ଗନ୍ ବ୍ୟବହାର ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରିବାକୁ ଦାବି କରାଯାଇଥିଲା । ଏହାର ଶୁଣାଣି ବେଳେ ଅଦାଲତ ସ୍ପଷ୍ଟ କରିଥିଲେ ଯେ, ପେଲେଟ୍ ଗନ୍ ବ୍ୟବହାରକୁ ସାଧାରଣ ପ୍ରକ୍ରିୟା ଭାବେ ଗ୍ରହଣ କରାଯାଇପାରିବ ନାହିଁ, ଏହା କେବଳ ବିରଳ ଓ ଅତ୍ୟାବଶ୍ୟକ ପରିସ୍ଥିତିରେ ସୀମିତ ରହିବା ଉଚିତ । ଅଦାଲତ ଜନ୍ତରମନ୍ତରର ପ୍ରତିବାଦ ସମୟରେ ଆରଏଏଫ୍ ଦ୍ୱାରା କେତେ ପରିମାଣର ଗୁଳିଗୋଳା ବ୍ୟବହାର କରାଯାଇଥିଲା ତାହାର ରେକର୍ଡ ସୁରକ୍ଷିତ ରଖିବାକୁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି । ପରବର୍ତ୍ତୀ ଶୁଣାଣି ବେଳେ ଏହି ତଥ୍ୟ ଯାଞ୍ଚ କରି ପେଲେଟ୍ ଗନ୍ ବ୍ୟବହାରର ପରିସ୍ଥିତି ଓ ଆବଶ୍ୟକତାକୁ ଅଦାଲତ ବିଚାର କରିବେ । ଉଲ୍ଲେଖଯୋଗ୍ୟ ଯେ, ଜୁଲାଇ ୨୦ରେ ଦିଲ୍ଲୀର ଜନ୍ତରମନ୍ତରରେ ନିଟ୍ ପେପର ଲିକ୍ ଘଟଣାକୁ ନେଇ ହୋଇଥିବା ପ୍ରତିବାଦ ସମୟରେ ପୁଲିସ ଓ ଆରଏଏଫ୍ କାର୍ଯ୍ୟାନୁଷ୍ଠାନ ନେଇ ବିବାଦ ସୃଷ୍ଟି ହୋଇଥିଲା । ସିଆରପିଏଫ୍‌ର ପ୍ରାଥମିକ ସମୀକ୍ଷା ରିପୋର୍ଟରେ ଦଙ୍ଗା ନିୟନ୍ତ୍ରଣ ପାଇଁ ପ୍ରଚଳିତ ନିୟମାବଳୀ ଅନୁସରଣ କରାଯାଇଥିବା ଏବଂ ପେଲେଟ୍ ଗନ୍ ସମେତ ଅପ୍ରାଣଘାତୀ ଅସ୍ତ୍ର ବ୍ୟବହାର ଅନୁମୋଦିତ ଥିବା ଦର୍ଶାଯାଇଛି ।

# ଜଳେଶ୍ୱରରେ ଆବାସିକ ଅଞ୍ଚଳରେ ମଦ ଦୋକାନ ଖୋଲିବାକୁ ବିରୋଧ: ସାମ୍ବାଦିକ ସମ୍ମିଳନୀରେ ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ



ଜଳେଶ୍ୱର,୩୦/୦୭ (ନି.ପ୍ର): ଜଳେଶ୍ୱର ପୌରପାଳିକା ୯ ନମ୍ବର ୱାର୍ଡ ଅନ୍ତର୍ଗତ ଅନୁକୂଳ ମନ୍ଦିର ନିକଟସ୍ଥ ଜନବସତି ଅଞ୍ଚଳରେ ଏକ ନୂତନ ବିଦେଶୀ ମଦ ଦୋକାନ (ଅଫ୍-ସପ୍) ଖୋଲିବା ପ୍ରଚେଷ୍ଟାକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।ଏହି ପ୍ରସ୍ତାବିତ ମଦ ଦୋକାନକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର ନକଲେ ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ କରାଯିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଗ୍ରାମବାସୀମାନେ ସରକାର ଓ ଜିଲ୍ଲା ପ୍ରଶାସନକୁ ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବ ବିଜ୍ଞପ୍ତି ଅନୁସାରେ ଉକ୍ତ ବିଦେଶୀ ମଦ ଦୋକାନଟି ଲକ୍ଷ୍ମଣନାଥ ଗ୍ରାମପଞ୍ଚାୟତ ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ଥିଲା।ମାତ୍ର ନିୟମାବଳୀକୁ ଜଳାଞ୍ଜଳି ଦେଇ ଏହାକୁ ଜଳେଶ୍ୱର ପୌରାଞ୍ଚଳର ୯ ନମ୍ବର ୱାର୍ଡସ୍ଥିତ ଏକ ଜନଗହଳିପୂର୍ଣ୍ଣ ଆବାସିକ ଅଞ୍ଚଳରେ ଖୋଲିବାକୁ ଉଦ୍ୟମ କରାଯାଉଛି। ପ୍ରସ୍ତାବିତ ମଦ ଦୋକାନଟିର ୫୦୦ ମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଶିକ୍ଷାନୁଷ୍ଠାନ ରହିଥିବା ବେଳେ ଏହା ନିକଟସ୍ଥ ଅନୁକୂଳ ମନ୍ଦିରର ଅତି ପାଖାପାଖି ଅବସ୍ଥିତ।ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଶାନ୍ତିଶୃଙ୍ଖଳା, ସାମାଜିକ ସୁରକ୍ଷା ଏବଂ ଆଧ୍ୟାତ୍ମିକ ପରିବେଶ ଗୁରୁତର ଭାବେ କ୍ଷୁଣ୍ଣ ହେବାର ଆଶଙ୍କା ସୃଷ୍ଟି ହୋଇଛି।ଏହି ବେଆଇନ ସ୍ଥାନାନ୍ତରଣକୁ ବିରୋଧ କରି ୯ ନମ୍ବର ୱାର୍ଡର ଗ୍ରାମବାସୀମାନେ ଏକାଠି ହୋଇ ଏକ ଦାବିପତ୍ର ପ୍ରସ୍ତୁତ କରିଛନ୍ତି।ଏହି ମାମଲାରେ ତୁରନ୍ତ ହସ୍ତକ୍ଷେପ ପାଇଁ ମହାମହିମ ରାଷ୍ଟ୍ରପତି, ମାନ୍ୟବର ପ୍ରଧାନମନ୍ତ୍ରୀ, ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବାଲେଶ୍ୱର ଜିଲ୍ଲାପାଳ, ସ୍ଥାନୀୟ ସଂସଦ,ଜଳେଶ୍ୱର ବିଧାୟକ, ବାଲେଶ୍ୱର ଅବକାରୀ ସୁପରିନ୍‌ଟେନ୍‌ଡେଣ୍ଟ, ତହସିଲଦାର, ବି.ଡି.ଓ., ନଗରପାଳ, ଏସ.ଡି.ପି.ଓ. ଏବଂ ଜଳେଶ୍ୱର ଆଇ.ଆଇ.ସି.ଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ଜନବସତି, ଧାର୍ମିକ ସ୍ଥଳ ଓ ଶିକ୍ଷାନୁଷ୍ଠାନ ନିକଟରୁ ଏହି ପ୍ରସ୍ତାବିତ ମଦ ଦୋକାନକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରାନଗଲେ, ଆମେ ରାଜରାସ୍ତାକୁ ଓହ୍ଲାଇବା ସହ ବ୍ୟାପକ ଜନଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି ଆଇନଜିବୀ ଦୁର୍ଗାଶଙ୍କର ଆସ ଙ୍କ ଆହ୍ୱାନରେ ୯ ନମ୍ବର ୱାର୍ଡ଼ ର କାଉନ୍ସିଲର୍ ଗୋବିନ୍ଦ ସାହୁଙ୍କ ଅଧକ୍ଷତାରେ କାଉନ୍ସିଲର୍ ଚନ୍ଦନ କୁମାର ଦାସ,ବରିଷ୍ଠ ବିଜେପି ନେତା ଫାଲଗୁନି ପାଣିଗ୍ରାହୀ,ମୋନା ର ସଭାପତି ଅଶୋକ କୁମାର ଜେନା, ପ୍ରାକ୍ତନ ରେଳ ବିଭାଗ ର ଅଧିକାରୀ ଜଳଧର ସାହୁ, ପ୍ରାକ୍ତନ ଶିକ୍ଷକ ଅଜିତ କୁମାର ଦାସ, ସତ୍ୟ ଦାସ ମହାପାତ୍ର,ଦୀପକ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଜନସ୍ୱାର୍ଥ ଓ ସ୍ଥାନୀୟ ଅଞ୍ଚଳର ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ପ୍ରଶାସନ ଏହି ସମ୍ବେଦନଶୀଳ ଘଟଣାର ଗୁରୁତ୍ୱକୁ ବୁଝି ତୁରନ୍ତ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଏହି ସାମ୍ବାଦିକ ସମ୍ମିଳନୀରେ ଦାବି ହୋଇଛି।

# ଲଗାଣ ବର୍ଷାର ତାଣ୍ଡବ: ବ୍ୟାପକ କ୍ଷୟକ୍ଷତି

ନୂଆପଡ଼ା,୩୦/୦୭ (ନି.ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ନୂଆପଡ଼ା ଜିଲ୍ଲାର ସ୍ଥିତି ବେହାଲ ହୋଇପଡ଼ିଛି। ରେକର୍ଡ ପରିମାଣର ବର୍ଷାପାତ ଫଳରେ ଜିଲାର ବିଭିନ୍ନ ନଦୀ ଓ ନାଳରେ ଜଳସ୍ତର ବୃଦ୍ଧି ପାଇଥିବା ବେଳେ ଜାତୀୟ ରାଜପଥ, ରାଜ୍ୟ ରାଜପଥ ସମେତ ଅନେକ ମୁଖ୍ୟ ସଡ଼କ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଏହା ଫଳରେ ସାଧାରଣ ଜନଜୀବନ ଓ ଯାତାୟାତ ଗୁରୁତର ଭାବେ ପ୍ରଭାବିତ ହୋଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ତିଖାଲି ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପର ୬ଟି ଗେଟ୍ ଖୋଲାଯାଇଛି। ଜଳସ୍ତର ଲଗାତାର ବଢୁଥିବାରୁ ଆବଶ୍ୟକ ପଡ଼ିଲେ ଆହୁରି ୩ଟି ଗେଟ୍ ଖୋଲାଯିବାର ସମ୍ଭାବନା ଥିବା ସୂଚନା ବିଭାଗୀୟ ଅଧିକାରୀମାନେ ଦେଇଛନ୍ତି। ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ନଜରରେ ରଖି ଡ୍ୟାମ୍ ଅଞ୍ଚଳରେ ଅଧିକାରୀମାନେ ସତର୍କତାର ସହ ନିରୀକ୍ଷଣ କରୁଛନ୍ତି। ଅନ୍ୟପଟେ ପଲସଦା ବ୍ରିଜ ଉପରେ ବନ୍ୟାଜଳ ପ୍ରବାହିତ ହେବାରୁ ବୋଡ଼େନ–ଖଡ଼ିଆଳ ମଧ୍ୟରେ ଯାତାୟାତ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ପ୍ରଶାସନ ପକ୍ଷରୁ ଲୋକଙ୍କୁ ବନ୍ୟାଜଳ ଥିବା ରାସ୍ତା ଓ ପୋଲ ଅତିକ୍ରମ ନ କରିବାକୁ ପରାମର୍ଶ ଦିଆଯାଇଥିବା ବେଳେ ବର୍ଷା ଜାରି ରହିଲେ ପରିସ୍ଥିତି ଆହୁରି ଗୁରୁତର ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଏହାସହ ନୂଆପଡ଼ା ଜିଲ୍ଲାର ଅନେକ ଗ୍ରାମ ଜଳବନ୍ଦୀ ଭିତରେ ରହିଥିବା ସୂଚନା ମିଳିଛି। ଅନେକ ଗଛପତ୍ର ଭାଙ୍ଗି ଯାଇଥିବା ବେଳେ ଅନେକ ଚାଷୀଙ୍କ ଚାଷ ଜମି ଜଳମଗ୍ନ ହୋଇଯାଇଛି। ଖଡ଼ିଆଳ ସହରର ସାହୁପଡ଼ା ରାସ୍ତାରେ ବର୍ଷାପାଣି ପ୍ରବାହିତ ହେଉଛି। ଅନେକ ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ଅନେକ ଲୋକଙ୍କ ମାଟି, କଚ୍ଚାଘର ଭୁଶୁଡି ପଡିଛି। ଏହାସହ ବିଦ୍ୟୁତ ସହରବରାହ ବ୍ୟାହତ ହୋଇଥିବା ବେଳେ ସ୍ଥିତି ଅନୁଧ୍ୟାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନଜର ରଖିଯାଇଥିବା ନେଇ ସୂଚନା ମିଳିଛି।

# ଯୁବ ସମାଜସେବୀ ଦେବେନ୍ଦ୍ର ଆଚାର୍ଯ୍ୟଙ୍କ ନିଆରା ଜନ୍ମଦିନ ପାଳନ



ରୂପସା,୩୦/୦୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ୍ ଅନ୍ତର୍ଗତ ଆମ୍ବଗଡ଼ିଆ ପଞ୍ଚାୟତର ଭଗବାନପୁର ଗ୍ରାମର ପିତା ଚକ୍ରଧର ଆଚାର୍ଯ୍ୟ ଓ ମାତା ଗୀତାଞ୍ଜଳି ଆଚାର୍ଯ୍ୟଙ୍କ ସୁପୁତ୍ର ଦେବେନ୍ଦ୍ର ଆଚାର୍ଯ୍ୟ ପିଲାଟି ଦିନରୁ ଅନେକ ପ୍ରତିଭାର ଗନ୍ତାଘର ସେ ଏକାଧାରରେ ଜଣେ ଯୁବ ସମାଜସେବୀ, ପରିବେଶବିତ୍, ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରବକ୍ତା ଭାବରେ ଓଡ଼ିଶାର କୋଣ ଅନୁକୋଣରେ ସୁପରିଚିତ। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠୁ ପୁରସ୍କୃତ। ତା ୩୦.୦୭.୨୦୨୬ ରିଖ, ଗୁରୁବାର ଦିନ ତାଙ୍କର ୨୪ ତମ ଜନ୍ମଦିନ ଅବସରରେ ସେ ଏହି ଜନ୍ମ ଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ବୃକ୍ଷରୋପଣ, ରକ୍ତଦାନ ଓ ବନ୍ୟା ଅଞ୍ଚଳ ବୁଲି ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ସହ ବନ୍ୟା ସମୟରେ ମହିଳାଙ୍କ ମାନଙ୍କ ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ ପାଇଁ ସାନିଟାରୀ ପ୍ୟାଡ ବଣ୍ଟନ କରିଛନ୍ତି । ପୁନଶ୍ଚ ପୃଥିବୀ ପାଇଁ ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଦାନ କରି ପ୍ରତ୍ୟେକ ଜନସାଧାରଣଙ୍କୁ ଜନ୍ମ ଦିନରେ ଗୋଟିଏ ବୃକ୍ଷ ରୋପଣ କରିବା ସହ ତାହାର ରକ୍ଷଣାବେକ୍ଷଣ କରିବା ପାଇଁ ଆହ୍ୱାନ ଦେଇଛନ୍ତି ଏବଂ ସେ ବାଲେଶ୍ୱର ରକ୍ତ ଭଣ୍ଡାରରେ ଯାଇ ରକ୍ତଭଣ୍ଡାରର ଅଧିକାରୀ ଡ଼ ସୁଚିସ୍ମିତା ଦାସ, ରାଜେଶ ମିଶ୍ର, ମନୀଷା ସାମନ୍ତ,ମୋନାଲିସା ମହାନ୍ତି, ଜଗନ୍ନାଥ ପଣ୍ଡା, ହେମଲତା ସେଠୀ, ବସନ୍ତ ଜେନା, ଶୋଭମ୍ ଦାସ, ମନୋଜ ଗନ୍ତାୟତଙ୍କ ତତ୍ତ୍ୱାବଧାନରେ ରକ୍ତଦାନ କରି ପ୍ରତ୍ୟେକ ରକ୍ତ ବିନ୍ଦୁ ଗୋଟେ ନୂତନ ଜୀବନର ସଞ୍ଚାର ଉଦ୍ଦେଶ୍ୟରେ ସମାଜରେ ବର୍ତ୍ତମାନ ସମୟରେ ରକ୍ତ ଅଭାବରୁ ଯେପରି କେହି ମୃତ୍ୟୁବରଣ ନ କରନ୍ତି , ଏଥି ପାଇଁ ସେ ନିଜେ ରକ୍ତଦାନ କରିବା ସହ ଅନ୍ୟ ମାନଙ୍କୁ ରକ୍ତଦାନ କରିବା ପାଇଁ ଆହ୍ୱାନ କରିଛନ୍ତି। ଏହା ସହ ବର୍ତ୍ତମାନ ଲଗାଣ ବର୍ଷା ହେତୁ ବନ୍ୟା ସୃଷ୍ଟି ହୋଇଛି ତେଣୁ ସେ ବିଭିନ୍ନ ବନ୍ୟା ଅଞ୍ଚଳ ବୁଲି ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ସହ ବନ୍ୟା ସମୟରେ ମହିଳା ମାନଙ୍କ ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ ପାଇଁ ସାନିଟାରୀ ପ୍ୟାଡ ବଣ୍ଟନ କରିଛନ୍ତି। ସେ ଏହି ଜନ୍ମ ଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ କାମନା ସହ ସମାଜସେବା ପାଇଁ କିଭଳି ସେ ଅଧିକ ବ୍ରତୀ ହୋଇପାରିବେ ସେ ଦିଗରେ ଦୃଷ୍ଟି ଦେଇଛନ୍ତି। ଜନ୍ମ ଦିନ ଅବସରରେ ତାଙ୍କୁ ଅନେକ ଆଡୁ ଶୁଭେଚ୍ଛାର ସୁଅ ଛୁଟିଛି, ଏହି ସବୁ କାର୍ଯ୍ୟରେ ତାଙ୍କର ସାନ ଭଉଣୀ ଅର୍ଚ୍ଚନା ଆଚାର୍ଯ୍ୟ ଓ ବନ୍ଧୁ ଶୁଭାଶିଷ ମହାନ୍ତି ସହାୟତା କରିଛନ୍ତି ।

# ଏନ୍.ଏଚ୍.ଏମ୍. ମିଶନ ନିର୍ଦ୍ଦେଶକ ଡାକ୍ତର ବୃନ୍ଦା ଡି.ଙ୍କ ଦୁଇ ଦିନିଆ ଝାରସୁଗୁଡ଼ା ଗସ୍ତ

ଝାରସୁଗୁଡ଼ା,୩୦/୦୭ (ନି.ପ୍ର): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡ଼ିଶାର ମିଶନ ନିର୍ଦ୍ଦେଶକ ଡ. ବୃନ୍ଦା ଡି. ଦୁଇ ଦିନିଆ ଝାରସୁଗୁଡ଼ା ଜିଲ୍ଲା ଗସ୍ତରେ ଆସିଛନ୍ତି। ଏହି ଗସ୍ତ ସମୟରେ ସେ ବିଭିନ୍ନ ଉନ୍ନୟନମୂଳକ ଓ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଏହି ଗସ୍ତ କ୍ରମରେ ସେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧୀନସ୍ଥ ବେହେରାମାଲ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରି ସେଠାରେ ଉପଲବ୍ଧ ସୁବିଧା ସୁଯୋଗର ଅନୁଧ୍ୟାନ କରିଛନ୍ତି। ଏହି ପରିଦର୍ଶନ ସମୟରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଉପସ୍ଥିତ ରହି ନିର୍ଦ୍ଦେଶକ ଡ. ବୃନ୍ଦା ଡି ଙ୍କୁ ବିଭିନ୍ନ ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ପରିଷଦର ଏପିଡି ସୂର୍ଯ୍ୟାଂଶୁ ରୁଟ୍‌ଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ମିଶନ ନିର୍ଦ୍ଦେଶକ ବିଦ୍ୟାଳୟରେ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଟିମ୍ ଏବଂ ଏଏନ୍‌ଏମ୍‌ଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କର କରାଯାଉଥିବା ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପର୍କରେ ପଚାରି ବୁଝିବା ସହ ବୋର୍ଡିଂରେ ରହୁଥିବା ଅନ୍ତେବାସୀଙ୍କ ସାମଗ୍ରିକ ସ୍ୱାସ୍ଥ୍ୟାବସ୍ଥାର ତଦାରଖ କରିଥିଲେ। ଏହାପରେ ସେ ବିଦ୍ୟାଳୟ ପରିସରରେ ଥିବା ଛାତ୍ରୀନିବାସକୁ ଯାଇ ଅନ୍ତେବାସୀ ଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ।

# ଘରୋଇ କଳହକୁ ନେଇ ହତ୍ୟାକାଣ୍ଡ: ପୁଅର ଟାଙ୍ଗିଆ ଚୋଟରେ ବାପା ମୃତ, ସାନଭାଇ ଗୁରୁତର

ସମ୍ବଲପୁର,୩୦/୦୭ (ନି.ପ୍ର): ପୁଅର ଟାଙ୍ଗିଆ ମାଡରେ ଗୁରୁତର ହୋଇ ପଡିଥିବା ବାପା ଚିକିତ୍ସା ପାଇଁ ଯାଉଥିବା ବେଳେ ବାଟରେ ମୃତ୍ୟୁବରଣ କରିଛି । ଅପରପକ୍ଷେ ବାପାଙ୍କୁ ବଡ଼ଭାଇ ଟାଙ୍ଗିଆରେ ଆକ୍ରମଣ କରୁଥିବା ବେଳେ ବଂଚାଇବାକୁ ଯାଇ ସାନଭାଇ ମଧ ଆହତ ହୋଇ ଏବେ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାପଡିଛି । ଏଭଳି ଏକ ନାରକୀୟ ସ୍ପର୍ଶକାତର ଘଟଣା ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ଅନ୍ତର୍ଗତ ମନାପାଲି ଗାଁରେ ଘଟିଛି । ଯାହାକି ଘରୋଇ କଳହର କରୁଣ ପରିଣତି ସ୍ୱରୂପ ହତ୍ୟାକାରୀ ପୁଅକୁ କୁଚିଣ୍ଡା ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାନୁଯାୟୀ ସୋମବାର ବିଳମ୍ବିତ ରାତିରେ କୌଣସି କାରଣକୁ ନେଇ ୬୫ ବର୍ଷୀୟ ବାପ ଧନେଶ୍ୱର ଭୋଇଙ୍କ ସହ ମନାପାଲି ସ୍କୁଲରେ ଶିକ୍ଷକତା କରୁଥିବା ତାଙ୍କର ୪୫ ବର୍ଷୀୟ ପୁଅ ଗୋବିନ୍ଦ ଭୋଇଙ୍କ ସହ ବଚସା ହୋଇଥିଲା। ହେଲେ କଳହର ସମାଧାନ ହେବା ପରିବର୍ତ୍ତେ କ୍ରମଶଃ ଉଗ୍ରରୂପ ନେଇଥିଲା । ସୂଚନାଯୋଗ୍ୟ ଶିକ୍ଷକତା ପେଷାରୁ କୌଣସି କାରଣରୁ ନିଲମ୍ବିତ ହୋଇଥିବା ଗୋବିନ୍ଦ କିଛି ଦିନ ଧରି ମାନସିକ ଦୁଶ୍ଚିନ୍ତାରେ ରହୁଥିଲା । କଳହ ଉଗ୍ରରୂପ ନେବା ଫଳରେ ନିଜର ହିତାହିତ ଜ୍ଞାନ ହରାଇ ନିକଟରେ ଥିବା ଏକ ଟାଙ୍ଗିଆରେ ବାପା ଧନେଶ୍ୱରଙ୍କୁ ଆକ୍ରମଣ କରିଥିଲା । ବାପାଙ୍କ ପ୍ରତି ବଡ଼ ଭାଇର ଏଭଳି ଆକ୍ରମଣ କରିବା ଦେଖି ସାନଭାଇ ବାପାଙ୍କୁ ବଂଚାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସିଏ ବି ଗୋବିନ୍ଦଙ୍କ ଆକ୍ରମଣର ଶିକାର ହୋଇଥିଲେ । ଖବର ପାଇବା ମାତ୍ରେ କୁଚିଣ୍ଡା ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଗୁରୁତର ଅବସ୍ଥାରେ ଧନେଶ୍ୱରଙ୍କୁ ଉଦ୍ଧାର କରି ତୁରନ୍ତ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ମାତ୍ର ଅବସ୍ଥା ଉଦବେଗଜନକ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବୁର୍ଲା ପଠାଇଥିଲେ । ମାତ୍ର ଲଇଡା ଠାରେ ଧନେଶ୍ୱରଙ୍କର ମୃତ୍ୟୁ ଘଟିଥିବା ଜଣାପଡିବା ପରେ ପୋଲିସ ଲଇଡା ଡାକ୍ତରଖାନାରେ ଧନେଶ୍ୱରଙ୍କ ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ରଖି ଅଭିଯୁକ୍ତ ଗୋବିନ୍ଦକୁ ଥାନାକୁ ଆଣିଥିଲେ । ଏହି ଘଟଣା ସମ୍ପର୍କରେ କୁଚିଣ୍ଡା ଥାନା ପୋଲିସ ୧୬୦/୨୬ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଗୋବିନ୍ଦକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# କିଶୋର ନ୍ୟାୟ ଅଧିନିୟମ ଏବଂ ଶିଶୁଙ୍କ ନିଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ ସମ୍ବନ୍ଧୀୟ ସଚେତନତା ଶିବିର

ନୂଆପଡ଼ା,୩୦/୦୭ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜଡାମୁଣ୍ଡା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ କିଶୋର ନ୍ୟାୟ (ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା) ଅଧିନିୟମ, ୨୦୧୫ ଏବଂ ଶିଶୁଙ୍କ ନିଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ, ୨୦୦୯ ସମ୍ବନ୍ଧୀୟ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ଶିଶୁ କଲ୍ୟାଣ ସମିତିର ସଭ୍ୟ ଗଙ୍ଗାଧର ପାଣିଗ୍ରାହୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୋମନା ବଲମତ ମାଝୀ, ବିଦ୍ୟାଳୟର ଅଧକ୍ଷ ନିର୍ମଳ କୁମାର ଶବର, ଶିକ୍ଷୟିତ୍ରୀ ମୋନିକା ଦଳପତି, ବିଦ୍ୟାଳୟର ଶିକ୍ଷକଗଣ, ଛାତ୍ରଛାତ୍ରୀ ଏବଂ ଅଧିକାର ମିତ୍ର ଅଜୀମ୍ ଅଲ୍ଲୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ କିଶୋର ନ୍ୟାୟ (ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା) ଅଧିନିୟମ, ୨୦୧୫ ବିଷୟରେ ବିସ୍ତୃତ ଧାରଣା ଦେଇଥିଲେ ଓ ଶିଶୁଙ୍କ ଅଧିକାରର ସୁରକ୍ଷାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଭୂମିକା ବିଷୟରେ ବୁଝାଇଥିଲେ। ଶିଶୁ କଲ୍ୟାଣ ସମିତିର ସଭ୍ୟ ଗଙ୍ଗାଧର ପାଣିଗ୍ରାହୀ ଶିଶୁମାନଙ୍କ ଯତ୍ନ ଓ ଅଧିକାର ସୁରକ୍ଷାରେ ଶିଶୁ କଲ୍ୟାଣ ସମିତିର ଭୂମିକା ତଥା ଏହାର କାର୍ଯ୍ୟକଳାପ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୋମନା ବଲମତ ମାଝୀ ଶିଶୁଙ୍କ ନିଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ, ୨୦୦୯ ବିଷୟରେ ସମ୍ୟକ୍ ଧାରଣା ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ସମସ୍ତ ଅତିଥିବୃନ୍ଦ ବୃକ୍ଷରୋପଣ ମଧ୍ୟ କରିଥିଲେ ।


# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କଲେ ଜାତୀୟ ସ୍ୱାସ୍ଥ୍ୟ ମିଶନର ମିଶନ ନିର୍ଦ୍ଦେଶକ

ଝାରସୁଗୁଡ଼ା ,୩୦/୦୭ (ନି.ପ୍ର): ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡ଼ିଶାର ମିଶନ ନିର୍ଦ୍ଦେଶକ ଡ. ବୃନ୍ଦା ଡି, ଆଜି ଝାରସୁଗୁଡ଼ା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କଟାପାଲି ପରିଦର୍ଶନ କରି ବିଦ୍ୟାଳୟର ବିଭିନ୍ନ ବ୍ୟବସ୍ଥାର ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ଏହି ପରିଦର୍ଶନ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡ଼ତିଆ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିଲ କୁମାର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ସେ ବିଦ୍ୟାଳୟର ଶିକ୍ଷାଦାନ, ଭିତ୍ତିଭୂମି, ସ୍ୱାସ୍ଥ୍ୟ, ପରିଚ୍ଛନ୍ନତା ଏବଂ ଛାତ୍ରଛାତ୍ରୀଙ୍କ କଲ୍ୟାଣ ସମ୍ବନ୍ଧୀୟ ବିଭିନ୍ନ ସୁବିଧାର ସୂକ୍ଷ୍ମ ଅନୁଧ୍ୟାନ କରିବା ସହ ବିଦ୍ୟାଳୟର ସମଗ୍ର ଶିକ୍ଷାଦାନ ପରିବେଶ ଏବଂ ଛାତ୍ରଛାତ୍ରୀଙ୍କୁ ଯୋଗାଇ ଦିଆଯାଉଥିବା ସେବାର ଗୁଣବତ୍ତା ଅନୁଧ୍ୟାନ କରିଥିଲେ। ଏହି ଅବସରରେ ସେ ଶ୍ରେଣୀଗୃହଗୁଡ଼ିକ ବୁଲି ଦେଖିବା ସହ ଶିକ୍ଷକମାନଙ୍କ ଦ୍ୱାରା ଆପଣାଯାଉଥିବା ଶିକ୍ଷାଦାନ-ଶିକ୍ଷଣ ପଦ୍ଧତିର ସମୀକ୍ଷା କରିଥିଲେ। ଏଥିସହିତ ବିଦ୍ୟାଳୟରେ ଥିବା ଝାରସୁଗୁଡ଼ା ଏଣ୍ଟରପ୍ରେନରସିପ୍ ମେକର୍ସ ସ୍ପେସ ଲାବ୍ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା, ନୂତନ ଚିନ୍ତାଧାରା, ଉଦ୍ୟୋଗୀ ମନୋଭାବ ଏବଂ ବ୍ୟାବହାରିକ ଶିକ୍ଷାର ବିକାଶ ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକୁ ପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ପ୍ରାକ୍ଟିକାଲ୍ ଏବଂ କାର୍ଯ୍ୟଭିତ୍ତିକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଦେଇ ବିଦ୍ୟାଳୟର ବିଜ୍ଞାନଗାର ଗୁଡ଼ିକର ମଧ୍ୟ ସମୀକ୍ଷା କରାଯାଇଥିଲା। ଏହା ବ୍ୟତୀତ ବିଦ୍ୟାଳୟର ଶୌଚାଳୟ, ସ୍ୱଚ୍ଛତା ଏବଂ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଅନୁଧ୍ୟାନ କରିଥିଲେ।ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ପାଇଁ ଉଚ୍ଚମାନର ସ୍ୱଚ୍ଛତା ବଜାୟ ରଖିବାକୁ ମିଶନ ନିର୍ଦ୍ଦେଶକ ପରାମର୍ଶ ଦେଇଥିଲେ। ପ୍ରତିନିଧି ଦଳ ବିଦ୍ୟାଳୟର ରୋଷେଇ ଘର ପରିଦର୍ଶନ କରି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଓ ପରିଚାଳନା ବ୍ୟବସ୍ଥାର ତଦାରଖ କରିଥିଲେ। ଖାଦ୍ୟ ପ୍ରସ୍ତୁତ କରାଯାଉଥିବା ସ୍ଥାନର ପରିଷ୍କାର-ପରିଚ୍ଛନ୍ନତା, ସ୍ୱାସ୍ଥ୍ୟକର ପରିବେଶ ଏବଂ ଉତ୍ତମ ପରିଚାଳନା ପାଇଁ ସଂପୃକ୍ତ କର୍ମଚାରୀଙ୍କୁ ପ୍ରଶଂସା କରାଯାଇଥିଲା। ଏହି ପରିଦର୍ଶନ ବିଦ୍ୟାଳୟର ଶୈକ୍ଷିକ ବାତାବରଣ, ଭିତ୍ତିଭୂମି, ସ୍ୱଚ୍ଛତା, ଗବେଷଣାଗାର ଏବଂ ଛାତ୍ରଛାତ୍ରୀଙ୍କ ସମଗ୍ର ବିକାଶ ପାଇଁ ନିଆଯାଉଥିବା ସମସ୍ତ ପଦକ୍ଷେପର ଅନୁଧ୍ୟାନ କରିବାରେ ସହାୟକ ହୋଇଥିଲା। ଏକ ସୁରକ୍ଷିତ, ସ୍ୱାସ୍ଥ୍ୟକର ଏବଂ ଗୁଣାତ୍ମକ ଶିକ୍ଷା ପରିବେଶ ସୃଷ୍ଟି କରିବା ଉପରେ ଏହି ଗସ୍ତରେ ବିଶେଷ ଗୁରୁତ୍ୱ ଆରୋପ କରିଥିଲେ।

# ତିନିଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ

କେନ୍ଦୁଝର,୩୦/୦୭ (ନି.ପ୍ର): ଜିଲ୍ଲାଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ପ୍ରକଳ୍ପଗୁଡ଼ିକର ସଠିକ୍ କାର୍ଯ୍ୟାନ୍ୱୟନ ତଦାରଖ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତ୍ୟେକ ଜିଲ୍ଲାକୁ ପ୍ରଭାରୀ ସଚିବମାନଙ୍କୁ ମନୋନୀତ କରାଯାଇଛି। ଏହି ପରିପ୍ରେକ୍ଷୀରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ ତିନିଦିନିଆ ଗସ୍ତରେ ଆସି ଆଜି କେନ୍ଦୁଝରରେ ପହଂଚିଛନ୍ତି। ଏହି ଅବସରରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନା, କାର୍ଯ୍ୟକ୍ରମ ଓ ସେଗୁଡ଼ିକର ସଫଳତା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ବୈଠକରେ ଶ୍ରୀ ବଶିଷ୍ଠ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାର ବିଭିନ୍ନ ବିଭାଗ ଦ୍ୱାରା ପରିଚାଳିତ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକର କାର୍ଯ୍ୟକାରିତା ଓ ଏହାର ସୁଫଳ ଲୋକଙ୍କ ନିକଟରେ ପହଂଚିବା ନେଇ ବ୍ୟାପକ ସମୀକ୍ଷା କରିଥିଲେ। ସରକାରଙ୍କ ବିଭିନ୍ନ ପ୍ରକଳ୍ପ ଓ ଯୋଜନାର ଫଳାଫଳ ଯେପରି ପ୍ରକୃତ ହିତାଧିକାରୀଙ୍କ ପାଖରେ ଠିକ୍ ସମୟରେ ପହଂଚିପାରିବ, ସେଥିପାଇଁ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆନ୍ତରିକତା ଓ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ସାମାଜିକ ସୁରକ୍ଷା ଯୋଜନା, ଭିନ୍ନକ୍ଷମ ସଶକ୍ତୀକରଣ ଏବଂ ଗ୍ରାମାଂଚଳର ବିକାଶ ମୂଳକ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ବିଭିନ୍ନ ବିଭାଗର ଯୋଜନା ଓ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅନ୍ତୋଦୟ ଗୃହ ଯୋଜନା ଅଧିନରେ ବିଶେଷ କରି ଭିନ୍ନକ୍ଷମ ଓ ନିର୍ଦ୍ଦିଷ୍ଟ କ୍ୟାଟେଗୋରୀର ହିତାଧିକାରୀଙ୍କ ପାଇଁ ନିର୍ମାଣାଧୀନ ଏବଂ ବକେୟା ଥିବା ଘରଗୁଡ଼ିକୁ ଅତି ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାସହ ମଧୁବାବୁ ପେନ୍‌ସନ୍ ଯୋଜନା, ବାଣୀଶ୍ରୀ ସ୍କଲାରସିପ୍, ବୃଦ୍ଧାଶ୍ରମ, ଭିକ୍ଷାବୃତି ପୁନର୍ବାସ କେନ୍ଦ୍ର 'ସହାୟ' ଏବଂ ସେତୁ ବନ୍ଧନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରାଯାଇଥିଲା।

# ଜୀ ସାର୍ଥକ'ରେ ପ୍ରଥମ ଥର ପାଇଁ ଅଗଷ୍ଟ ୯ ତାରିଖ, ରବିବାର ସନ୍ଧ୍ୟା ୬:୩୦ରେ ସୁପରହିଟ ଓଡ଼ିଆ ଚଳଚ୍ଚିତ୍ର ଦେଖନ୍ତୁ 'ଡଟ୍‌ପେନ୍'




ଭୁବନେଶ୍ୱର,୩୦/୦୭ (ନି.ପ୍ର): ଚଳଚ୍ଚିତ୍ର ହେଉଛି ସମାଜ ଓ ମାନବୀୟ ସମ୍ପର୍କର ଏକ ଜୀବନ୍ତ ଦର୍ପଣ। ଏହି ପରିପ୍ରେକ୍ଷୀରେ ଓଲିଉଡରେ ଏପରି ଅନେକ ଚଳଚ୍ଚିତ୍ର ନିର୍ମାଣ ହୋଇଛି, ଯାହା ଦର୍ଶକଙ୍କ ହୃଦୟକୁ ଛୁଇଁପାରିଛି। ସେହିପରି ଏକ ଚର୍ଚ୍ଚିତ ତଥା ଆବେଗପୂର୍ଣ୍ଣ ଚଳଚ୍ଚିତ୍ର ହେଉଛି 'ଡଟ୍‌ପେନ୍'। ଏହା କେବଳ ଏକ ସାଧାରଣ କାହାଣୀ ନୁହେଁ, ଏହି କାହାଣୀ ଭଲପାଇବାରୁ ଆରମ୍ଭ ହୋଇ ପ୍ରତିଶୋଧରେ ହୁଏ ଶେଷ... ଏ କେମିତିକା ପ୍ରେମ ଆସନ୍ତା ଅଗଷ୍ଟ ୯ ତାରିଖ ରବିବାର ସନ୍ଧ୍ୟା ୬:୩୦ ରେ ଲୋକପ୍ରିୟ ଚ୍ୟାନେଲ 'ଜୀ ସାର୍ଥକ' ମାଧ୍ୟମରେ ଏହାର ୱାର୍ଲଡ ଟେଲିଭିଜନ ପ୍ରିମିୟର ହେବାକୁ ଯାଉଛି, ଯାହାକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଏହି ଚଳଚ୍ଚିତ୍ରର ମୂଳ କାହାଣୀ ବାଦଲ ତ୍ରିପାଠୀ (ଜ୍ୟୋତି ରଞ୍ଜନ ନାୟକ) ଏବଂ ତାଙ୍କର ଅତି ଗେହ୍ଲା ଭଉଣୀ ମିତା (ଦିବ୍ୟା)ଙ୍କ ପାରିବାରିକ ସମ୍ପର୍କ ଉପରେ ଆଧାରିତ। ବାଦଲର ସମଗ୍ର ଦୁନିଆ ତା'ର ଭଉଣୀକୁ କେନ୍ଦ୍ର କରି ଗଢ଼ି ଉଠିଛି। କିନ୍ତୁ ହଠାତ୍ ଏକ ଅପ୍ରତ୍ୟାଶିତ ଦୁର୍ଘଟଣା ସେମାନଙ୍କ ଖୁସିର ସଂସାରକୁ ଉଜାଡ଼ି ଦିଏ। ଏହି ଭୟଙ୍କର ଆଘାତ ବାଦଲକୁ ଏକ ନୂଆ ରାସ୍ତା ବାଛିବାକୁ ବାଧ କରେ—ଯାହା ହେଉଛି ନ୍ୟାୟ ଏବଂ ପ୍ରତିଶୋଧର ରାସ୍ତା। ତା'ର ଏହି ସଂଘର୍ଷମୟ ଯାତ୍ରାରେ ଜଗୁ (ରୋହନ ଗର୍ଗ) ଯିଏ କି ମିତାର ସ୍ୱାମୀ, ବାଦଲର ଭାଗ୍ୟକୁ ଏକ ନୂଆ ମୋଡ଼ ଦେଇଥାଏ। ଏଥିସହ ମୀରା (ପ୍ରୀତି ବିଶ୍ୱାଳ), ସନ୍ତୁ (ସନ୍ତୁ ନିଜେ), ମାମୁ (ଶକ୍ତି ବରାଳ) ଏବଂ ଜଗୁଙ୍କ ମା' (ପ୍ରିୟମ୍ବଦା ଅପା)ଙ୍କ ପରି ଚରିତ୍ରମାନେ ଏହି କାହାଣୀକୁ ଆହୁରି ମଜବୁତ ଓ ଜୀବନ୍ତ କରିଛନ୍ତି। ହେଲେ ଫିଲ୍ମ ର ନାଁ 'ଡଟ୍‌ପେନ୍' ଏହି ପେନ୍‌ର ଗୁରୁତ୍ୱ କ'ଣ, ତାହା ହିଁ ଚଳଚ୍ଚିତ୍ରର ମୁଖ୍ୟ ସସପେନ୍ସ। ଆଗରୁ ଆକ୍ସନ, ଇମୋସନ ଏବଂ ପାରିବାରିକ ମୂଲ୍ୟବୋଧର ଏହି ସୁନ୍ଦର ମିଶ୍ରଣ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବାରେ ସଫଳ ହୋଇଥିଲା ସିନେମା ହଲ୍‌ରେ। ଯେଉଁମାନେ ସିନେମା ହଲ୍‌ରେ ଏହି ଶ୍ରେଷ୍ଠ ଚଳଚ୍ଚିତ୍ରଟିକୁ ଦେଖିବାରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କ ପାଇଁ ଜୀ ସାର୍ଥକ ଏହି ସୁବର୍ଣ୍ଣ ସୁଯୋଗ ଆଣିଦେଇଛି। ଏହି ବିଶେଷ ପ୍ରସାରଣ ଉପଲକ୍ଷେ 'ଜୀ ସାର୍ଥକ'ର ଚିଫ୍ ଚ୍ୟାନେଲ ଅଫିସର ଶ୍ରୀଯୁକ୍ତ ରାହୁଲ ରାଓ ଓଡ଼ିଶାର ଅଗଣିତ ଦର୍ଶକମାନଙ୍କୁ ଏକ ଆନ୍ତରିକ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ, 'ଜୀ ସାର୍ଥକ ସର୍ବଦା ଓଡ଼ିଆ ଦର୍ଶକମାନଙ୍କୁ ଉଚ୍ଚକୋଟୀର ମନୋରଞ୍ଜନ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ। ମୋର ଓଡ଼ିଶାର ସମସ୍ତ ପରିବାରବର୍ଗଙ୍କୁ ଅନୁରୋଧ, ଆପଣମାନେ ଅଗଷ୍ଟ ୦୯ ତାରିଖ ରବିବାର ସନ୍ଧ୍ୟା ୬:୩୦ଟାରେ ସପରିବାର ଏକାଠି ବସି ଏହି ପ୍ରିମିୟରର ମଜା ନିଅନ୍ତୁ ।'

# ପରଫେକ୍ଟ ଲାଇଫ ଷ୍ଟାଇଲ

**ସମୟ ବଦଳୁଛି, ତା ସହ ଜୀବନଶୈଳୀ । ତେବେ ସୁସ୍ଥ ଆଉ ସୁନ୍ଦର ଜୀବନଶୈଳୀ ପାଇଁ ଆପଣଙ୍କୁ କୋଟୋଟି କଥା, ଯେମିତିକି ଆପଣ ହୋଇପାରିବେ ପରଫେକ୍ଟ ଲାଇଫ୍ ଷ୍ଟାଇଲର ଅଧିକାରୀ ...**



*ଏପରି କରନ୍ତୁ ଦିନର ଆରମ୍ଭ:-*

ସକାଳୁ ଶୀଘ୍ର ଉଠନ୍ତୁ । ନିତ୍ୟକର୍ମ ସାରି କିଛି ସମୟ ଏକ୍ସରସାଇଜ କିମ୍ବା ମେଡିଟେଶନ କରନ୍ତୁ । କାରଣ ଏହାର ପ୍ରଭାବ ଜୀବନର୍ଶେଳୀ ଉପରେ କଣ ପଡ଼େ ତାହା ଅନୁଭବୀ ହିଁ ଜାଣେ। ଏହାପରେ ବ୍ରେକଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ରାତିରେ ଅତିକମ୍‌ରେ ୬/୭ ଘଣ୍ଟା ଶୁଅନ୍ତୁ। କାରଣ ପରିଶ୍ରମ ଅନୁସାରେ ଉପଯୁକ୍ତ ବିଶ୍ରାମ ଶରୀରକୁ ଫିଟ ରଖିବା ସହ ସକାରାତ୍ମକ ମାନସିକତା ଦିଗରେ ସହାୟକ ହୋଇଥାଏ। ଦିନକୁ ୮ଗ୍ଲାସ ପାଣି ପିଅନ୍ତୁ। ଲଞ୍ଚ, ଡିନର ଠିକ୍ ସମୟରେ ଶେଷ କରିବା ସହ ତଟକା ଫଳମୂଳ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।



ବନ୍ଧୁପରିଜନଙ୍କ ସହ ସୁସମ୍ପର୍କ ରଖନ୍ତୁ।

ବ୍ୟସ୍ତ ଜୀବନ ମଧ୍ୟରୁ ବନ୍ଧୁ ପରିଜନଙ୍କ ପାଇଁ କିଛି ସମୟ ବାହାର କରନ୍ତୁ । ସେମାନଙ୍କ ସହ ସୁସମ୍ପର୍କ ରଖିଲେ ଆପଣଙ୍କ ଲାଇଫ୍ ଷ୍ଟାଇଲରେ ବହୁତ ପରିବର୍ତ୍ତନ ଆସିଥାଏ । ପର୍ବପର୍ବାଣି କିମ୍ବା ଛୁଟିଦିନରେ ଆପଣ ଏହାର ମଜ୍ଜା ଉଠାଇପାରିବେ ।

*ଟାଇମମ୍ୟାନେଜମେଣ୍ଟ:-*

ଟାଇମ୍ ମ୍ୟାନେଜମେଣ୍ଟ କରିପାରୁଥିବା କବିତା, ଗପ ଲେଖିବା, ବହି ପଢ଼ିବା ଇତ୍ୟାଦି। ଏପରି କରିବା ଦ୍ୱାରା କାର୍ଯ୍ୟ କରିବାର ଆଗ୍ରହ ଓ ଉତ୍ସାହ ବଢ଼ଇଥାଏ ।

ନିଜ ଇଚ୍ଛା କମ୍ କରନ୍ତୁ:- ଆପଣଙ୍କ ଇଚ୍ଛା ଓ ଅଭିଳାଷ ଅଧିକ ହେଲେ ସମସ୍ୟାର ମାତ୍ରା ବଢ଼ିଥାଏ । କିନ୍ତୁ ଏହାର ବିପରୀତ ଦିଗ ଦେଖିଲେ ସମସ୍ୟା କମ୍ ଲାଗିଥାଏ । ଇଚ୍ଛା ଓ ଅଭିଳାଷ ଉପରେ ଆପଣ ଯେତେ ନିୟନ୍ତ୍ରଣ ରଖିବେ ଜୀବନରେ ଟେନସନ୍‌ଠାରୁ ସେତେ ଦୂରରେ ରହିବେ।

*ଅତୀତକୁ ଭୁଲିଯାଆନ୍ତୁ:-*

ଯଦି ଆପଣଙ୍କ ଜୀବନରେ ଅତୀତରେ କେବେ କୌଣସି ଅପ୍ରୀତିକର ବା ଦୁଃଖଦ ଘଟଣା ଘଟିଛି ତେବେ ସେହି ସ୍ମୃତିକୁ ବାରମ୍ବାର ମନେ ପକାନ୍ତୁ ନାହିଁ । ଅତୀତକୁ ଭୁଲି ବର୍ତ୍ତମାନରେ ଚାଲିବାଟା ଠିକ୍ । ଅତୀତକୁ ସବୁବେଳେ ମନେ ପକାଇଲେ ଆପଣ ବର୍ତ୍ତମାନର ମଜା ଉଠାଇପାରିବେ ନାହିଁ ।


*ଟେନସନ ଠାରୁ ଦୂରରେ ରୁହନ୍ତୁ:-*

ଆଜିକାଲି ଘରେ ହେଉ ବା ବାହାରେ ପ୍ରତିଟି ଜାଗାରେ କିଛି ନା କିଛି ଟେନସନ୍ ଲାଗି ରହୁଛି । ଏହା ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇଥାଏ । ଏଥିପାଇଁ ବ୍ଲଡପ୍ରେସର ଅସନ୍ତୁଳିତ ରହିଥାଏ । ନିଦ ଉପରେ ପ୍ରଭାବ ପଡ଼ିଥାଏ । ପର୍ଯ୍ୟପ୍ତ ନିଦ ନ ହେଲେ ବିଭିନ୍ନ ରୋଗ ସୃଷ୍ଟି ହୋଇଥାଏ । ତ୍ୱଚା ଉପରେ ମଧ୍ୟ ଏହାର ଖୁବ୍ ପ୍ରଭାବ ପଡ଼ିଥାଏ ।

*ଅଯଥା ଯୁକ୍ତିତର୍କ କରନ୍ତୁ ନାହିଁ:-*

ନିରର୍ଥକ ଯୁକ୍ତିତର୍କ କରିବା ଠାରୁ ଦୂରରେ ରୁହନ୍ତୁ । ଏହା କେବଳ ସମୟର ଅପଚୟ କରିଥାଏ ।


# ଆପଣ ସବୁବେଳେ ଦୁର୍ବଳ ଅନୁଭବ କରୁଛନ୍ତି କି; କରନ୍ତୁ ଏହି ଯୋଗ, ଶରୀରରେ ଖେଳିଯିବ ଶକ୍ତି



ଦିନ ସାରା କ୍ଳାନ୍ତ ଲାଗିବା ଅବସ୍ଥାକୁ କ୍ରନିକ୍ ଫଟିଗ୍ ସିଣ୍ଡ୍ରୋମ କୁହାଯାଏ। ଏଭଳି ଥକାପଣ ଏବଂ ଦୁର୍ବଳତାକୁ ଦୂର କରିବା ପାଇଁ, ଆପଣ ଦିନସାରା ଶୋଇଲେ ବି କିଛି ଲାଭ ହୁଏନି। ଏପରି ପରିସ୍ଥିତିରେ, ଥକାପଣ ଏବଂ ଦୁର୍ବଳତାର ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଆପଣ ଯୋଗ କରିପାରିବେ। ଆଜିକାଲିର ଖରାପ ଜୀବନଶୈଳୀ, ଖାଦ୍ୟରେ ଗଡବଡ ଏବଂ ନିଦ୍ରା ଅଭାବ ହେତୁ ଲୋକମାନେ ଅନେକ ଶାରୀରିକ ଏବଂ ମାନସିକ ସମସ୍ୟାର ଶିକାର ହେଉଛନ୍ତି। ଏମିତି ଅବସ୍ଥାରେ ବ୍ୟକ୍ତି ଦିନସାରା କ୍ଳାନ୍ତ ଅନୁଭବ କରିବା ସ୍ୱାଭାବିକ। ଆପଣ ବିଶ୍ରାମ ନିଅନ୍ତି ବା କିଛି କାମ ନ କରନ୍ତୁ କିନ୍ତୁ ଆଭ୍ୟନ୍ତରୀଣ ଭାବରେ ଆପଣ ଦୁର୍ବଳ ଏବଂ କ୍ଳାନ୍ତ ଅନୁଭବ କରନ୍ତି। ଏହି ଅବସ୍ଥାକୁ କ୍ରନିକ୍ ଫଟିଗ୍ ସିଣ୍ଡ୍ରୋମ କୁହାଯାଏ। ଏଭଳି ଥକାପଣ ଏବଂ ଦୁର୍ବଳତାକୁ ଦୂର କରିବା ପାଇଁ, ଆପଣ ଦିନସାରା ବିଛଣାରେ ଶୋଇବାକୁ ଚାହାଁନ୍ତି। ତଥାପି, ଶରୀରରେ ଏତେ ଶକ୍ତି ଅଭାବ ରୁହେ ଯେ ଶରୀର ଓଜନିଆ ଲାଗେ, ଦୁର୍ବଳ ଲାଗେ। ଏପରି ପରିସ୍ଥିତିରେ, ଥକାପଣ ଏବଂ ଦୁର୍ବଳତାର ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଆପଣ ଯୋଗ କରିପାରିବେ। ଯୋଗ କେବଳ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢାଏ ନାହିଁ ବରଂ ଆପଣଙ୍କ ଉର୍ଜାକୁ ମଧ୍ୟ ବଢାଇଥାଏ। ଆଭ୍ୟନ୍ତରୀଣ ଭାବରେ ଆପଣଙ୍କ ଶରୀର ହାଲୁକା ଏବଂ ଶକ୍ତିଶାଳୀ ଅନୁଭବ କରେ। ଯଦି ଆପଣ ମଧ୍ୟ ଏମିତି ସମସ୍ୟାର ସମ୍ମୁଖିନ ହେଉଛନ୍ତି ତେବେ ଏହି ଯୋଗାସନାକୁ ଆପଣଙ୍କର ନିୟମିତ ଅଭ୍ୟାସରେ ଅନ୍ତର୍ଭୁକ୍ତ କରନ୍ତୁ।

*ବାଳାସନ:* ନିୟମିତ ବାଳାସନ ଅଭ୍ୟାସ କରନ୍ତୁ। ଏହି ଆସନ ଚାପକୁ ହ୍ରାସ କରିଥାଏ ଏବଂ ଶକ୍ତି ମଧ୍ୟ ଯୋଗାଇଥାଏ। ବାଳାସନ କରିବାକୁ ହେଲେ ଆଣ୍ଠୁ ଉପରେ ଭୂମିରେ ବସନ୍ତୁ। ଉଭୟ ପାଦକୁ ଏକାଠି ସ୍ପର୍ଶ କରି ଗୋଇଠିକୁ ସାମାନ୍ୟ ଛଡା ରଖନ୍ତୁ। ପିଚାକୁ ଲଗେଇ ଗୋଇଠି ମଝିରେ ବସନ୍ତୁ। ଦୁଇ ଆଣ୍ଠୁକୁ ପ୍ରସାରିତ କରି ରଖନ୍ତୁ ଏକ ଗଭୀର ଶ୍ୱାସ ନେଇ ହାତକୁ ଉପରକୁ ଉଠାନ୍ତି, ଏବଂ ଶ୍ୱାସ ଛାଡି ଆଗକୁ ଝୁଙ୍କନ୍ତୁ। ପେଟକୁ ଦୁଇ ଜଙ୍ଘ ମଝିରେ ରଖନ୍ତୁ। ଏହି ଅବସ୍ଥାରେ କିଛି ସମୟ ରୁହନ୍ତୁ। ପରେ ମୂଳ ଅବସ୍ଥାକୁ ଆସନ୍ତୁ।

*ଧନୁରାସନ:* ଥାଇରଏଡରେ ଧନୁରାସନ ଅଭ୍ୟାସ ଅତ୍ୟନ୍ତ ଲାଭଦାୟକ। ଏହି ଆସନ ଶକ୍ତିଶାଳୀ କରିବା ସହିତ ମେଦବହୁଳତା ହ୍ରାସ କରାଏ। ଏହି ଆସନ ଅଭ୍ୟାସ କରିବା ପାଇଁ ପେଟ ମାଡି ଶୋଇ ପଡନ୍ତୁ ଏବଂ ଅଣ୍ଟା ଆଡକୁ ପାଦ ଆଣନ୍ତୁ। ବର୍ତ୍ତମାନ ଉଭୟ ପାଦକୁ ଦୁଇ ହାତରେ ଧରି ରଖିବାକୁ ଚେଷ୍ଟା କରନ୍ତୁ। ତା'ପରେ ମୁଣ୍ଡ, ଛାତି ଏବଂ ଜଙ୍ଘକୁ ଉପରକୁ ଉଠାନ୍ତୁ ଏବଂ ଶରୀରର ଓଜନକୁ ପେଟର ନିମ୍ନ ଭାଗରେ ରଖନ୍ତୁ। କିଛି ସମୟ ଏହି ଅବସ୍ଥାରେ ରହି ମୂଳ ଅବସ୍ଥାକୁ ଫେରନ୍ତୁ।



*ତାଡାସନ:* ଏହି ଆସନ ସମଗ୍ର ଶରୀର ଉପରେ ପ୍ରଭାବ ପକାଏ। ତାଡାସନ କରିବାକୁ ସିଧା ଠିଆ ହୁଅନ୍ତୁ ଏବଂ ଗୋଡ ମଧ୍ୟରେ କିଛି ଦୂରତା ରଖନ୍ତୁ। ଏକ ଗଭୀର ଶ୍ୱାସ ନେଇ ଉଭୟ ହାତ ଉପରକୁ ଉଠାନ୍ତୁ। ଉପରକୁ ଭିଡି ହୋଇ ଦୁଇ ଗୋଇଠି ଉଠାନ୍ତୁ ଆଉ ପାଦ ଆଙ୍ଗୁଠି ଉପରେ ଠିଆ ହୁଅନ୍ତୁ। ଏହି ଅବସ୍ଥାରେ ଶରୀରର ପ୍ରତ୍ୟେକ ଅଙ୍ଗ ଟାଣି ହୁଏ। ଏହି ଅବସ୍ଥାରେ କିଛି ସମୟ ରହିବା ପରେ ସାଧାରଣ ସ୍ଥିତିକୁ ଫେରନ୍ତୁ। ଏହି ଆସନକୁ ୧୦ରୁ ୧୫ଥର ପୁନରାବୃତ୍ତି କରନ୍ତୁ।

*ଶବାସନ:*

ଶାରୀରିକ ଏବଂ ମାନସିକ ଥକାପଣ ଦୂର କରିବା ପାଇଁ ଶବାସନ ଖୁବ ଲାଭଦାୟକ। ଏହି ଆସନ କରିବା ପାଇଁ, ପିଠି ପଟିଆ ଶୋଇ ଯାଆନ୍ତୁ ଏବଂ ଦୁଇ ଗୋଡ କିଛି ବ୍ୟବଧାନରେ ରଖି ଢିଲା ଛାଡିଦିଅନ୍ତୁ। ଦୁଇ ହାତକୁ ଶରୀରଠାରୁ ଅଳ୍ପ ଦୂରରେ ରଖି ଧୀରେ ଧୀରେ ଆଙ୍ଗୁଠି ଠାରୁ ଆରମ୍ଭ କରି ସମଗ୍ର ଶରୀର ଉପରେ ଧ୍ୟାନ ଦିଅନ୍ତୁ। ମନକୁ ଶାନ୍ତ ରଖନ୍ତୁ ଏବଂ ଶରୀରରେ ଶକ୍ତି ଖେଳିଯିବା ଅନୁଭବ କରନ୍ତୁ।

# ରସୁଣକୁ ଦେଶୀ ଘିଅରେ ଭାଜି ଖାଆନ୍ତୁ, ଏହି ସବୁ ସ୍ୱାସ୍ଥ୍ୟଗତ ସମସ୍ୟାର କରିଥାଏ ସମାଧାନ

ରସୁଣରେ ବହୁ ଔଷଧୀୟ ଗୁଣ ଭରି ରହିଛି। ସେଥିପାଇଁ ଏହାକୁ କେବଳ ମସଲା ଭାବେ ବ୍ୟବହାର କରାଯାଏ ନାହିଁ। ଅନେକ ରୋଗର ଉପଶମ ପାଇଁ ମଧ୍ୟ ଏହାକୁ ବ୍ୟବହାର କରାଯାଏ। ରସୁଣ ହେଉଛି ଆଣ୍ଟିବ୍ୟାକ୍ଟେରିଆଲ, ଆଣ୍ଟିଫଙ୍ଗଲ ଓ ଆଣ୍ଟିଭାଇରାଲ। ଏଥିରେ ଭିଟାମିନ ସି, ଭିଟାମିନ ବି-୬, ସେଲେନିୟମ, କ୍ୟାଲସିୟମ, ଆଇରନ, ଫସଫରସ ଓ ଫାଇବର ରହିଛି। ରସୁଣକୁ କଞ୍ଚା ଖିଆଯାଇପାରେ ଅବା ଭାଜି ଅବା ଡାଲି ଓ ତରକାରୀ ଆଦିରେ ପକାଇ ଖିଆଯାଇପାରେ। କିନ୍ତୁ ଆପଣ ଜାଣନ୍ତି କି ରସୁଣକୁ ଦେଶୀ ଘିଅରେ ଭାଜି ଖାଇଲେ ଅନେକ ରୋଗର ମୂଳୋତ୍ପାଟନ କରିବାରେ ସହାୟକ ହୋଇଥାଏ। ରସୁଣ ଖାଇଲେ ପାଟି ଜଳିଥାଏ। କିନ୍ତୁ ଏହାକୁ ଦେଶୀ ଘିଅରେ ଭାଜିଲେ ରାଗ ହୋଇନଥାଏ। ସେହିଭଳି ଘିଅରେ ଭାଜିଲେ ଏଥିରୁ ବାହାରୁ ଥିବା ଗନ୍ଧ ମଧ୍ୟ ହ୍ରାସ ପାଇଯାଏ।

ରାତିରେ ରସୁଣର ଚୋପା ଛଡ଼ାଇ ଦିଅନ୍ତୁ ଓ ପାଣିରେ ପକାଇ ରଖନ୍ତୁ। ତା'ପର ଦିନ ପାଣିରୁ ରସୁଣକୁ କାଢ଼ି ଦେଶୀ ଘିଆରେ ଭାଜି ଖାଆନ୍ତୁ। ଦେଶୀ ଘିଅରେ ଭାଜି ହେବା ପରେ ରସୁଣର ସ୍ୱାଦ ବଦଳି ଯାଏ। ଆଉ ଏହାକୁ ଖାଇଲେ ଅନେକ ରୋଗରୁ ଉପଶମ ମିଳେ।

ରସୁଣକୁ ଦେଶୀ ଘିଅରେ ଭାଜି ଖାଇଲେ ବ୍ରେନ୍ ଷ୍ଟ୍ରୋକ୍ ହେବାର ଆଶଙ୍କା କ୍ଷୀଣ ହୋଇଯାଏ। ଏହା ସହିତ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବାରେ ଏହା ସହାୟକ ହୋଇଥାଏ।

ଯେଉଁ ଲୋକମାନଙ୍କର ରୋଗ ପ୍ରତିଷେଧକ ଶକ୍ତି କମ୍, ସେମାନେ ରସୁଣକୁ ଦେଶୀ ଘିଅରେ ଭାଜି



ଖାଇବା ଉଚିତ। ଏହା ଦ୍ୱାରା ସେମାନଙ୍କ ରୋଗ ପ୍ରତିଷେଧକ ଶକ୍ତି ବଢ଼ିବ। ରସୁଣ ଆଣ୍ଟିଅକ୍ସିଡେଣ୍ଟ ଓ ଆଣ୍ଟି-ଇନ୍‌ଫ୍ଲେମେମଟରୀ ଗୁଣରେ ଭରପୂର। ଆଉ ଏହା ଶରୀରରୁ ବିଷାକ୍ତ ଜିନିଷକୁ ବାହାର କରିବାରେ ସାହାଯ୍ୟ କରିଥାଏ। ରସୁଣକୁ ଦେଶୀ ଘିଅରେ ଭାଜି ଖାଇଲେ କିଛି ଅଟୋ ଇମ୍ୟୁନ ଡିଜିଜ, ଯେମିତିକି ଅର୍ଥରାଇଟିସ ଓ ଲ୍ୟୁପସର ଯନ୍ତ୍ରଣାରୁ ରକ୍ଷା ମିଳିବ।

# ଘରେ ତିଆରି କରନ୍ତୁ ତାଡ଼ିଆ ମିଠା

ଆବଶ୍ୟକ ସାମଗ୍ରୀ: କ୍ଷୀର,ଚିନି, ମଇଦା, ଛେନା, ଅଳେଇଚ ଗୁଣ୍ଡ ଓ ତେଲ।



ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କରେଇରେ କ୍ଷୀରକୁ ଗରମ କରନ୍ତୁ। କ୍ଷୀର ଗରମ ହୋଇଯିବା ପରେ ସେଥିରେ ଚିନି ପକାନ୍ତୁ। କ୍ଷୀରରେ ଚିନି ମିଶିବା ପର୍ଯ୍ୟନ୍ତ ଏହାକୁ ଭଲ ଭାବରେ ଗୋଳାନ୍ତୁ। ଏହାପରେ କ୍ଷୀରକୁ ଦଶରୁ ପନ୍ଦର ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ । କ୍ଷୀର ଫୁଟି ଫୁଟି ଅଧା ହୋଇଗଲା ପରେ ତାହାକୁ ଓହ୍ଲାଇ ଏକ ପାତ୍ରରେ ରଖି ଦିଅନ୍ତୁ। ଏକ ପାତ୍ରରେ ଛେନାକୁ ଭଲ ଭାବେ ଚିପୁଡ଼ି ରଖନ୍ତୁ । ଏହାପରେ ଛେନାରେ ମଇଦା ମିଶାଇ ଭଲ କରି ଚକଟି ଦିଅନ୍ତୁ । ଚକଟି ସାରିବା ପରେ ଏହାକୁ ଗୋଲ ଗୋଲ କାକରାର ଆକାର ତିଆରି କରି ଏକ ପାତ୍ରରେ ରଖନ୍ତୁ । ଏହାପରେ କରେଇରେ ତେଲକୁ ଗରମ କରନ୍ତୁ । ତେଲ ଗରମ ହୋଇଗଲା ପରେ ପ୍ରସ୍ତୁତ କାକରା ଗୁଡିକୁ ଛାଣନ୍ତୁ। ଏହାକୁ ଅଳ୍ପ ନାଲି ରଙ୍ଗ ହୋଇଗଲା ପର୍ଯ୍ୟନ୍ତ ଛାଣନ୍ତୁ। ପରେ ଏହାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ଛଣା କାକରାକୁ ଆଗରୁ ପ୍ରସ୍ତୁତ ହୋଇଥିବା କ୍ଷୀରରେ ପକାନ୍ତୁ। ସେଥିରେ ଅଳେଇଚ ଗୁଣ୍ଡ ପକାଇ କିଛି ସମୟ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ତାଡ଼ିଆ ମିଠା। ଆଜି ଦୀପାବଳିରେ ଏହି ମିଠାକୁ ଘରେ ତିଆରି ଠାକୁରଙ୍କ ପାଖରେ ଭୋଗ ଲଗାନ୍ତୁ।

# ପିଲାଙ୍କ ପାଇଁ ମିନି ଲାଇବ୍ରେରୀ

ଦିନକୁ ଦିନକୁ ଦିନ ବିଷୟ ବସ୍ତୁରେ ପରିବର୍ତ୍ତନ, ଜ୍ଞାନକୌଶଳ ଓ ମାନସିକ ତଥା ଶାରୀରିକ ବିଷୟବସ୍ତୁ ଯୋଗୁ ପିଲାଙ୍କ ଉପରେ ବହିର ବୋଝ ବଢ଼ିଚାଲିଛି । ଏହା ସହିତ ଏହି ପୁସ୍ତକ ଓ ଅନ୍ୟାନ୍ୟ ଶୈକ୍ଷିକ ସାମଗ୍ରୀ ରଖିବା ପାଇଁ ଅଧିକ ଷ୍ଟଡ଼ିରୁମ୍, ଆଲମୀରା, ଥାକର ଆବଶ୍ୟକ ପଡ଼ିଥାଏ । ପିଲାଙ୍କର ଏହି ଆବଶ୍ୟକତାକୁ ଅନେକ ଅଭିଭାବକ ଗୁରୁତ୍ୱର ସହିତ ନେଇ ଏସବୁ ଯୋଗାଇ ଦେଇଥାନ୍ତି । ତେବେ ସେମାନଙ୍କ ଷ୍ଟିଡିରୁମ୍‌କୁ ଗଲଶବେଳେ ଦେଖିବାକୁ ମିଳିଥାଏ ଯେ, ଘରର ବିଭିନ୍ନ ସ୍ଥାନ, ସେଲ୍‌ଫ, ଆଲମୀରାରେ ସେମାନଙ୍କର ଏସବୁ ଜିନିଷ ଛିନ୍‌ଛତ୍ର ହୋଇପଡ଼ିଥାଏ । ଫଳ ଏୟା ହୋଇଥାଏ ଯେ, ପ୍ରତିଦିନ ସ୍କୁଲ ଯିବାବେଳକୁ ବହିପତ୍ର ଓ ନୋଟ୍ସ ଖୋଜି ଖୋଜି ପିଲାଟି ନୟାନ୍ତ ହୋଇଯାଏ । ବେଳେବେଳେ ଆବଶ୍ୟକ ବହି ବା ନୋଟ୍ସ ନ ନେଇ ସ୍କୁଲ ଯିବାକୁ ହୋଇଥାଏ । ଏହାର ପ୍ରଭାବ ପଢ଼ା ଉପରେ ପଡ଼େ । କେବେ ଶିକ୍ଷକଙ୍କ ଠାରୁ ତ କେବେ ବାପା ମାଙ୍କ ଠାରୁ ଗାଳି ଶୁଣିବାକୁ ପଡ଼ିଥାଏ।

ପିଲାମାନଙ୍କୁ ଏଥିରୁ ରକ୍ଷା କରିବା ପାଇଁ ଛୋଟ ଲାଇବ୍ରେରୀଟିଏ ବନାଇଲେ କିପରି ହୁଅନ୍ତା ? ଏହାଦ୍ୱାରା ପିଲାଟି ନିଜ ଜିନିଷକୁ ଠିକ୍ ସ୍ଥାନରେ ରଖିପାରିବ ଓ ଖୋଜିଲା ବେଳେ



**ପିଲାମାନଙ୍କ ପାଠପଢ଼ା ସହିତ ସେମାନଙ୍କ ପାଇଁ ଏକ ମିନି ଲାଇବ୍ରେରୀର ଆବଶ୍ୟକତା ମଧ୍ୟ ରହିଛି। ମିନି ଲାଇବ୍ରେରୀଟିଏ ପିଲାମାନଙ୍କ ସ୍କୁଲ ଓ ଟ୍ୟୁସନରେ ବ୍ୟବହୃତ ସାମଗ୍ରୀ ଇଆଡ଼େ ସିଆଡ଼େ ବିଛାଡ଼ି ହୋଇ ପଡ଼ିବନି ।**

ପରିଶ୍ରମ କରିବାକୁ ପଡ଼ିବନି । ଏହା ଅନ୍ୟମାନଙ୍କୁ ମଧ୍ୟ ଆନନ୍ଦ ଦେବ ?

ଆପଣଙ୍କର ଯଦି ବହୁତ ଘର ଅଛି ତାହେଲେ ଏଥିପାଇଁ ଏକ ସ୍ୱତନ୍ତର କୋଠାରୀ ନେଇପାରିବେ । ଅନ୍ୟଥା ନିଜ ଷ୍ଟଡ଼ି ରୁମର ଗୋଟିଏ ପାଖକୁ ଏଥିପାଇଁ ବ୍ୟବହାର କରିପାରିବେ । ଏହି ସ୍ଥାନରେ ଆପଣ ସେଲଫ ବା ଖୋଲା ଆଲମୀରା ରଖି କରିପାରିବେ ଆପଣଙ୍କ ମିନି ଲାଇବ୍ରେରୀ ।

ନିଜ ଲାଇବ୍ରେରୀ କରିବା ସମୟରେ ଘରକୁ ପ୍ରଥମେ ଭଲ ଭାବେ ପରିଷ୍କାର ପରିଚ୍ଛନ୍ନ କରିବ।

ଆବଶ୍ୟକ ପଡ଼ିଲେ ସେହି ଘରକୁ ନିଜ ପସନ୍ଦର ରଙ୍ଗ ଦେଇପାରିବେ । ସେହି ରଙ୍ଗ ଉପରେ ସଂଖ୍ୟା, ଅକ୍ଷର ଓ ବର୍ଣ୍ଣମାଳା ଭଲ ଭାବେ ଲେଖିନିଅନ୍ତୁ।

ସାମଗ୍ରୀ ରଖିବା ପୂର୍ବରୁ ସେଲଫରେ ପେପର ବା ଅନ୍ୟ କୌଣସି ମୋଟା ଜିନିଷ ବିଛାଇବାକୁ ଯେପରି ନଭୁଲ ।

॥ କିପରି କରିବେ ପ୍ରସ୍ତୁତି ॥

ବଜାରରୁ ବିଭିନ୍ନ ସାମଗ୍ରୀ ସତ ବର୍ଣ୍ଣମାଳା, ସଂଖ୍ୟା, ଅକ୍ଷର ଚାର୍ଟ କିଣି କରି ନେଇଆସ । ସେସବୁ କାନ୍ଥରେ ନିଜ ପସନ୍ଦର ସ୍ଥାନରେ ଟାଙ୍ଗି ଦିଅ ।

ଯେଉଁ ସେଲଫ୍ ବା ଆଲମୀରାରେ ଯେଉଁ ଜିନିଷ ରଖିବ ବୋଲି ଚିନ୍ତା କରିଛି ତାହାର ଏକ ସୂଚୀ ପ୍ରସ୍ତୁତ କର ।

ମୋଟା କାଗଜରେ ନିଜ ଇଚ୍ଛାରେ ପେନସିଲ ବକ୍ସ ତିଆରି କରି ତା ଉପରେ ରଙ୍ଗୀନ କାଗଜ ଦେଇ ଆକର୍ଷଣୀୟ କରି ସଜାଇ ପାରିବେ। ଗିଫ୍ଟରେ ପାଇଥିବା ସାମଗ୍ରୀ ସହିତ ପୁସ୍ତକକୁ ମଧ୍ୟ ରଖ । ଲାଇବ୍ରେରୀରେ ନିଜ ପଢ଼ିବା ପାଇଁ ମେଜ ଓ ଚୌକି ରଖିବା ସହିତ ଆଉ ଏକ ମେଜ ଓ ଚୌକ ।

# ଘରେ ତିଆରି କରନ୍ତୁ ମୁଢ଼ିର ଏହି ରେସିପି



ଆବଶ୍ୟକ ସାମଗ୍ରୀ: ମୁଢ଼ି, ଗାଜର, କ୍ୟାପିସମ,ପିଆଜ,ଲୁଣ, ହଳଦୀ , ବେସନ, ଧଳା ରାଶି, କଟା କଞ୍ଚା ଲଙ୍କା, ଧନିଆ ପତ୍ର, ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ମୁଢ଼ିକୁ ଏକ ପାତ୍ରରେ ନେଇ ତାକୁ କିଛି ସମୟ ପାଇଁ ଭିଜାଇ ରଖନ୍ତୁ। ଏହା ଭିଜିଗଲା ପରେ ତାକୁ ଭଲ ଭାବରେ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ପରେ ସେଥିରେ କଟା ଗାଜର, କ୍ୟାପିସମ ଓ ପିଆଜ ମିଶାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ପରେ ସେଥିରେ ଆବଶ୍ୟକ ଅନୁସାରେ ଲୁଣ, ହଳଦୀ , ବେସନ, ଧଳା ରାଶି, କଟା କଞ୍ଚା ଲଙ୍କା ଓ ଧନିଆ ପତ୍ର ପକାଇ ଗୋଳାଇ ଦିଅନ୍ତୁ। ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବାପରେ ଗୋଳାଇ ରଖିଥିବା ମିଶ୍ରଣ ପକୁଡି ଆକାରରେ ଛାଣନ୍ତୁ। ପକୁଡିର ଦୁଇ ପାର୍ଶ୍ୱ ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମୁଢ଼ି ପକୁଡି। ଏହାକୁ ଟମାଟୋ ଚଟଣି ଓପୁଦିନା ଚଟଣି ସହ ଖାଇପାରିବେ।




ସିନେମା ଓ ମନୋରଂଜନର ଫର୍ଦ୍ଦ
ଧ୍ୱନି ପ୍ରତିଧ୍ୱନି
୫ | ଶୁକ୍ରବାର, ୩୧ ଜୁଲାଇ ୨୦୨୬

# ଭୂତ ଚଳଚ୍ଚିତ୍ରରେ ଜ୍ୟାକ୍‌ଲିନ୍



ଲଗାତାର ଦୁଇଟି ହାସ୍ୟରସାତ୍ମକ ଚଳଚ୍ଚିତ୍ରରେ ଅଭିନୟ କରିବା ପରେ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍ ଏକ ଭୂତ କାହାଣୀରେ ଅଭିନୟ କରିବା ପାଇଁ ଚୁକ୍ତିବଦ୍ଧ ହୋଇଛନ୍ତି। ଏହି ନିଷ୍ପତ୍ତି ପଛର କାରଣ ହେଲା ସେ ଚିରାଚରିତ ଧାରାରୁ ବାହାରି ଭିନ୍ନ କିଛି କରିବାକୁ ଚାହାନ୍ତି। ନାମକରଣ ହୋଇ ନଥିବା ଏହି ଚଳଚ୍ଚିତ୍ରର ପ୍ରଯୋଜକ ହେଉଛନ୍ତି ଖ୍ୟାତି ମଦାନ। ଏହାର କାହାଣୀ ୧୯୬୪ ମସିହାର ଲୋକପ୍ରିୟ ରହସ୍ୟ ଚଳଚ୍ଚିତ୍ର 'ୱ କୌନ୍ ଥି' ଭଳି ହେବ ବୋଲି କୁହାଯାଉଛି। ନିର୍ମାତାଙ୍କ ସୂତ୍ରରୁ ଜଣାପଡ଼ିଛି ଯେ ଉତ୍ତର ଭାରତର ଏକ ଛୋଟ ସହରରେ ଏହି କାହାଣୀ ଅଭିନୀତ ହେବ। ଏଥିରେ ଜ୍ୟାକ୍‌ଲିନ୍ ଜଣେ ଆଧୁନିକ କର୍ମଜୀବୀ ମହିଳା ଭାବରେ ଦେଖାଦେବେ, ଯିଏ ବିଭିନ୍ନ ଭୌତିକ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। କାହାଣୀଟି ଅସଲ ଭୌତିକ ଘଟଣା ଉପରେ ପର୍ଯ୍ୟବସିତ। ଏଥିରେ ଜ୍ୟାକ୍‌ଲିନ୍‌ଙ୍କ ଆକ୍ସନ୍ ବି ଦେଖିବାକୁ ମିଳିବ। ଏଥିରେ ତାଙ୍କ ସହିତ ଦୁଇ ଜଣ ମୁଖ୍ୟ ଅଭିନେତା ମଧ୍ୟ ରହିବେ। ତେବେ ପ୍ରଯୋଜନା ସଂସ୍ଥା, ନିର୍ଦ୍ଦେଶକ ଓ ଅନ୍ୟ ଅଭିନେତାମାନଙ୍କ ନାମ ଗୋପନୀୟ ରଖିଛି। ସେପଟ୍ମେର ମାସରେ ଏ ନେଇ ବିଧିବଦ୍ଧ ଘୋଷଣା ହେବା ପରେ ସୁଟିଂ ଆରମ୍ଭ ହେବ। ଉଲ୍ଲେଖଯୋଗ୍ୟ, ଜ୍ୟାକ୍‌ଲିନ୍ ପୂର୍ବରୁ ମାତ୍ର ଦୁଇଟି ଭୂତ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ଗୋଟିଏ ହେଉଛି ୨୦୧୫ ମସିହାରେ ମୁକ୍ତିଲାଭ କରିଥିବା ବ୍ରିଟିସ୍ ଚଳଚ୍ଚିତ୍ର 'ଡେଫିନିସନ୍ ଅଫ୍ ଫିଅର' ଏବଂ ଅନ୍ୟଟି ୨୦୨୧ରେ ବଲିଉଡ୍ ସିନେମା 'ଭୂତ ପୁଲିସ୍'।

# ସ୍ୱାମୀ ସଂଜୟ ଦତ୍ତ ଓ ସୁସ୍ମିତା ସେନ୍‌ଙ୍କୁ ହୋଟେଲ୍‌ରେ ଧରିଥିଲେ ପତ୍ନୀ ରୀୟା



ବଲିଉଡର ସଂଜୁବାବା ଓରଫ୍ ସଂଜୟ ଦତ୍ତଙ୍କର ଆଜି ଜନ୍ମଦିନ। ସେ ତିନି ଥର ବିବାହ କରିଛନ୍ତି। ସେ ପ୍ରଥମେ ଅଭିନେତ୍ରୀ ରିଚା ଶର୍ମା, ତାପରେ ମଡେଲ୍ ରୀୟା ପିଲ୍ଲାଇ ଓ ଏବେ ଅଭିନେତ୍ରୀ ମାନ୍ୟତାଙ୍କ ସହିତ ବେଶ୍ କିଛି ବର୍ଷ ହେବ ବିବାହିତ ଜୀବନ ବିତାଉଛନ୍ତି।

ସଂଜୟ ଦତ୍ତଙ୍କର ଜଣେ ମିସ୍ ୟୁନିଭର୍ସଙ୍କ ସହ ଆଫେଆର୍ ଏକଦା ଖୁବ୍ ଚର୍ଚ୍ଚାର ବିଷୟ ହୋଇଥିଲା। ସଂଜୁବାବା ଯେଉଁ ମିସ୍ ୟୁନିଭର୍ସଙ୍କ ସହିତ ପ୍ରେମ ସଂପର୍କ ରଖିଥିଲେ,ସେ ହେଲେ ସୁସ୍ମିତା ସେନ୍। ସଂଜୟ ଦତ୍ତ ଓ ସୁସ୍ମିତା ସେନଙ୍କର ଦେଖା ସାକ୍ଷାତ୍ ପ୍ରଥମେ ଏକ ଷ୍ଟେଜ୍ ସୋ'ରେ ହୋଇଥିଲା। ପ୍ରଥମ ଦେଖାରେ ହିଁ ସଂଜୟ ସୁସ୍ମିତାଙ୍କ ପ୍ରତି ଆକର୍ଷିତ ହୋଇଥିଲେ। ଦୁଇ ତିନି ଥର ସାକ୍ଷାତ ପରେ ଦୁହେଁ ପରସ୍ପରର ନିକଟତର ହୋଇଥିଲେ।

ଖାଲି ସେତିକି ନୁହେଁ,ସଂଜୟ ଦତ୍ତ ଓ ସୁସ୍ମିତା ସେନ୍ ହୋଟେଲ୍‌ରେ ବି ଏକାଠି ରହୁଥିଲେ। ସଂଜୁବାବା ରିୟା ପିଲ୍ଲାଇଙ୍କୁ ବିବାହ କରିଥିଲେ।ଏଣୁ ସେ ଲୁଚିଛପି ସୁସ୍ମିତା ସେନ୍‌ଙ୍କ ସହିତ ମିଳାମିଶା କରୁଥିଲେ। ଅଧିକାଂଶ ସମୟରେ ଏ ଦୁଇ କଳାକାର ବିଦେଶରେ ସମୟ କାଟୁଥିଲେ।

ଥରେ ସଂଜୟ ଦତ୍ତ ଓ ସୁସ୍ମିତା ସେନ୍ ନିଉୟର୍କରେ ଏକ ହୋଟେଲ୍‌ରେ ଥାଆନ୍ତି। ସେହି ସମୟରେ ଜଣେ ସାମ୍ବାଦିକ ସୁସ୍ମିତାଙ୍କ ସାକ୍ଷାତକାର ନେବା ଲାଗି ହୋଟେଲରେ ପହଞ୍ଚିଥିଲେ।


ସୁସ୍ମିତା ସେନ୍ ଓ ସଂଜୟ ଦତ୍ତ ପରସ୍ପରର ହାତ ଧରି ସାକ୍ଷାତକାର ଦେବାକୁ ଆସିଥିଲେ। ଏହା ଦେଖି ସାମ୍ବାଦିକ ଜଣକ ଉଭୟଙ୍କର ଫଟୋ ଉଠାଇଥିଲେ। ଏହାକୁ ସଂଜୁବାବା ବିରୋଧ କରିଥିଲେ ଓ ସାମ୍ବାଦିକଙ୍କୁ ମାଡ଼ ମାରିଥିଲେ। ଖାଲି ସେତିକି ନୁହେଁ ସାମ୍ବାଦିକଙ୍କ କ୍ୟାମେରା ଭାଙ୍ଗି ଦେଇଥିଲେ। ତା' ପରଦିନ ସକାଳେ ଖବର କାଗଜରେ ସଂଜୟ ଓ ସୁସ୍ମିତାଙ୍କ ଫଟୋ ଓ ଗତକାଲିର ସବୁ ଘଟଣା ପ୍ରକାଶିତ ହେଲା। ଏହାପରେ ରୀୟା ଉକ୍ତ ହୋଟେଲ୍‌କୁ ଯାଇ ସଂଜୟ ଓ ସୁସ୍ମିତାଙ୍କୁ ଧରିଥିଲେ।

# ସ୍ମୃତିରେ ଜୀବିତ ଉମ୍‌ରାଓ ଜାନ୍



ବଲିଉଡ୍‌ର କିଂବଦନ୍ତି ଅଭିନେତ୍ରୀ ରେଖାଙ୍କର ଏକ ପ୍ରସିଦ୍ଧ ଚଳଚ୍ଚିତ୍ର ହେଉଛି 'ଉମ୍‌ରାଓ ଜାନ୍'। ୧୯୮୧ରେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିବା ପରେ ଏହାକୁ ୪ଟି ଜାତୀୟ ପୁରସ୍କାର ମିଳିଥିଲା। ରେଖା ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପାଇଥିଲେ। ଆସନ୍ତା ମାସରେ ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ୍ ଅଫ୍ ମେଲବୋର୍ନ (ଆଇଆଇଏଫ୍ଏମ୍)ରେ ଏହା ପ୍ରଦର୍ଶିତ ହେବାକୁ ଯାଉଛି। ଏହି ଅବସରରେ ରେଖା କହିଛନ୍ତି ଯେ ଉମ୍‌ରାଓ ଜାନ୍ ଚରିତ୍ର ଦଶନ୍ଧି ଦଶନ୍ଧି ଧରି ତାଙ୍କ ସହିତ ଉଜ୍ଜୀବିତ ଅଛି। ତାଙ୍କ ନିଜ ଭାଷାରେ- "ଉମରାଓ ଜାନ ମୋ ସ୍ମୃତି, ମୋ ନିରବତା ଓ ବର୍ଷ ବର୍ଷ ଧରି ତାକୁ ଭଲ ପାଇଆସିଥିବା ଲୋକଙ୍କ ହୃଦୟରେ ବଞ୍ଚି ରହିଛି। ବିଶ୍ୱସ୍ତରୀୟ ମଞ୍ଚରେ ଏହି ଚଳଚ୍ଚିତ୍ରକୁ ସମ୍ମାନିତ କରାଯିବା ଦେଖି ମନ ବିନମ୍ରତାରେ ଭରିଯାଉଛି।" ଅଗଷ୍ଟ ୧୩ରୁ ୨୩ ତାରିଖ ଯାଏ ଚାଲିବାକୁ ଥିବା ଏହି ଚଳଚ୍ଚିତ୍ର ମହୋତ୍ସବରେ ରେଖା ସମ୍ମାନିତ ଅତିଥି ଭାବେ ଯୋଗ ଦେବେ। ଭାରତୀୟ ସିନେମାକୁ ଅବଦାନ ଲାଗି ତାଙ୍କୁ ସେଠାରେ ସମ୍ମାନଜନକ 'ଏକ୍ସିଲେନ୍ସ ଇନ୍ ସିନେମା ଆୱାର୍ଡ' ମିଳିବ। ରେଖା ଏହି ପୁରସ୍କାରକୁ କୃତଜ୍ଞତାର ସହିତ ଗ୍ରହଣ କରିବାକୁ ଇଚ୍ଛୁକ। ଏହା କେବଳ ତାଙ୍କ ଅଭିନୟକୁ ସ୍ୱୀକୃତି ନୁହେଁ, ତାଙ୍କ ଜୀବନ ଓ ଅଭିନୟକୁ ଆକାର ଦେଇଥିବା ଚଳଚ୍ଚିତ୍ର ନିର୍ମାତା, ଲେଖକ, ସଂଗୀତଜ୍ଞ ଓ ଅନ୍ୟାନ୍ୟ ଅଗଣିତ କଳାକାରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ବୋଲି ପ୍ରକାଶ କରିଛନ୍ତି।

# 'କାହାନୀ-୩'ରେ ନାହାନ୍ତି ବିଦ୍ୟା, ନଜର ଆସିବେ ରାଷ୍ଟ୍ରୀୟ ପୁରସ୍କାର ବିଜୟିନୀ ଅଭିନେତ୍ରୀ



ପ୍ରାୟ ୧୦ ବର୍ଷ ପରେ, ବଲିଉଡର ଲୋକପ୍ରିୟଥ୍ରିଲର ଫ୍ରାଞ୍ଚାଇଜ୍ 'କାହାନୀ' ଏହାର ଦ୍ୱିତୀୟ ସିକ୍ୱେଲ୍ ନିର୍ମାଣ ହେବାକୁ ଯାଉଛି। ସୂତ୍ର ଅନୁଯାୟୀ, 'କାହାନୀ-୩'ରେ ନାହାନ୍ତି ପ୍ରଖ୍ୟାତ ବଲିଉଡ ନାୟିକା ବିଦ୍ୟା ବାଲାନ୍। ଏବେ ଚର୍ଚ୍ଚା ଯେ ତାଙ୍କ ସ୍ଥାନରେ ନଜର ଆସିବେ ରାଷ୍ଟ୍ରୀୟ ପୁରସ୍କାର ବିଜୟିନୀ ଜଣେ ଅଭିନେତ୍ରୀ। ତେବେ ସୁଜୟ ଘୋଷ ପୁଣି ଥରେ ଏହାର ନିର୍ଦ୍ଦେଶନା ଦେବେ। ଫିଲ୍ମଟି ବର୍ତ୍ତମାନ ପ୍ରି-ପ୍ରଡକ୍ସନରେ ଅଛି, ଏବଂ ନିର୍ମାତା ସୁଟିଂ ସିଡ୍ୟୁଲକୁ ଚୂଡ଼ାନ୍ତ କରୁଛନ୍ତି। ଏବେ ଆପଣ ଜାଣିବାକୁ ଚାହିଁବେ କିଏ ସେହି ଅଭିନେତ୍ରୀ? ହଁ ସେ ହେଲେ 'ଆର୍ଟିକଲ-୩୭୦' ପାଇଁ ରାଷ୍ଟ୍ରୀୟ ପୁରସ୍କାର ଲାଗି ମନୋନୀତ ୟାମୀ ଗୌତମ। ସେ ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିବେ। କୁହାଯାଉଛି ଯେ ବିଦ୍ୟା ବାଲାନଙ୍କ ଚରିତ୍ରକୁ ଜାରି ରଖିବା ପରିବର୍ତ୍ତେ, ଏଥର ଏଥିରେ ଏକ ସମ୍ପୂର୍ଣ୍ଣ ନୂତନ କାହାଣୀ ପ୍ରଦର୍ଶିତ ହେବ। ତଥାପି, ଫିଲ୍ମର ପୃଷ୍ଠଭୂମି ଏବଂ 'କାହାନୀ' ଫ୍ରାଞ୍ଚାଇଜ୍‌ର ସସପେନ୍ସଫୁଲ୍ ଦୁନିଆ ଅକ୍ଷୁର୍ଣ୍ଣ ରହିବ। ନିର୍ମାତାମାନେ ଫ୍ରାଞ୍ଚାଇଜ୍‌ର ପରିଚୟ ବଜାୟ ରଖି ଦର୍ଶକଙ୍କୁ ଏକ ନୂତନ ସ୍ୱାଦ ଦେବାକୁ ଲକ୍ଷ୍ୟ ରଖିଛନ୍ତି। ସୂତ୍ର ଅନୁଯାୟୀ, ଫିଲ୍ମରେ ୟାମିଙ୍କ ଚରିତ୍ରଟି ଶକ୍ତିଶାଳୀ ଏବଂ ବହୁସ୍ତରୀୟ ହେବ। କାହାଣୀଟି ତାଙ୍କ ଚାରିପାଖରେ ଗତିଶୀଳ ହେଉଛି, ଯେଉଁଥିରେ ରହସ୍ୟ, ଭାବପ୍ରବଣତା, ଦ୍ୱନ୍ଦ୍ୱ ଏବଂ ଅନେକ ଅପ୍ରତ୍ୟାଶିତ ମୋଡ଼ ରହିଛି। ଫିଲ୍ମଟି ଶୀଘ୍ର ଫ୍ଲୋରକୁ ଯିବ। ଜାତୀୟ ପୁରସ୍କାର ଜିତିବା ପରେ, ଏହାକୁ ୟାମିଙ୍କ କ୍ୟାରିଅରରେ ଏକ ଗୁରୁତ୍ୱପୂର୍ଣ୍ଣ ଫିଲ୍ମ ଭାବରେ ବିବେଚନା କରାଯାଉଛି। 'ଆର୍ଟିକିଲ୍ ୩୭୦'ରେ ତାଙ୍କର ବଳିଷ୍ଠ ଅଭିନୟ ପରେ, ସେ ଏବେ ଆଉ ଏକ ମହିଳା-ପ୍ରଧାନ ଥ୍ରିଲରରେ କାମ କରିବାକୁ ଯାଉଛନ୍ତି। ଯଦିଓ ଫିଲ୍ମଟି ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇ ନାହିଁ, ୟାମି ଏବଂ ସୁଜୟ ଘୋଷଙ୍କ ସମ୍ଭାବ୍ୟ ଯୋଡ଼ି ନିଶ୍ଚିତ ଭାବରେ ଦର୍ଶକଙ୍କ କୌତୁହଳକୁ ବୃଦ୍ଧି କରିଛି। ସୁଜୟ ଏବଂ ତାଙ୍କ ଟିମ୍ ଫ୍ରାଞ୍ଚାଇଜ୍‌ର ମୂଳ କଥା ଏବଂ ସସପେନ୍ସକୁ ବଜାୟ ରଖି ନୂତନ ଫିଲ୍ମଟି ସତେଜ ହେବା ଉପରେ ବିଶେଷ ଧ୍ୟାନ ଦେଉଛନ୍ତି। ବିଦ୍ୟାଙ୍କ ଅଭିନୀତ 'କାହାନୀ' ଏବଂ 'କାହାନୀ ୨'କୁ ହିନ୍ଦୀ ସିନେମାର ସବୁଠାରୁ ସଫଳ ଥ୍ରିଲର୍ ମଧ୍ୟରେ ବିବେଚନା କରାଯାଏ, ଏହାର ବଳିଷ୍ଠ ମହିଳା ଚରିତ୍ର, ଆକର୍ଷଣୀୟ କାହାଣୀ ଏବଂ ଆଶ୍ଚର୍ଯ୍ୟଜନକ କ୍ଲାଇମାକ୍ସ ପାଇଁ। ବିଶେଷକରି ପ୍ରଥମ ଫିଲ୍ମଟି ଏହାର ଅନନ୍ୟ ମୋଡ଼ ଏବଂ କାହାଣୀ କହିବା ସହିତ ଦର୍ଶକ ଏବଂ ସମାଲୋଚକ ଉଭୟଙ୍କ ହୃଦୟ ଜିତିଥିଲା।

# କେବଳ ଗ୍ଲାମର ପାଇଁ ଫିଲ୍ମ କରିବାକୁ ଅରାଜି



ଅଭିନେତ୍ରୀ ଶହନାଜ ଗିଲ୍ ତିନି ବର୍ଷ ତଳେ 'କିସି କା ଭାଇ କିସି କି ଜାନ୍' ଚଳଚ୍ଚିତ୍ର ଜରିଆରେ ବଲିଉଡ୍‌ରେ ପଦାର୍ପଣ କରିଥିଲେ। ସେହି ବର୍ଷ ତାଙ୍କ ଅଭିନୀତ 'ଥାଙ୍କ୍ ୟୁ ଫର' କମିଂ' ଚଳଚ୍ଚିତ୍ର ମଧ୍ୟ ଆସିଥିଲା। ତେବେ ତା' ପରେ ତାଙ୍କୁ ଆଉ କୌଣସି ବଲିଉଡ୍ ଚଳଚ୍ଚିତ୍ରରେ ଦେଖିବାକୁ ମିଳିନାହିଁ। ସେ ପଞ୍ଜାବୀ ଚଳଚ୍ଚିତ୍ରରୁ ଅଭିନୟ କ୍ୟାରିଅର ଆରମ୍ଭ କରି ଏବେ ପୁଣି ଥରେ ସେହି ଆଞ୍ଚଳିକ ଶିଳ୍ପରେ ହିଁ ନିଜକୁ ସୀମିତ ରଖିବାର ନିଷ୍ପତ୍ତି ନେଇଛନ୍ତି। ନିକଟରେ ଏକ ସାକ୍ଷାତ୍‌କାର ଦେଇ ଶହନାଜ ଏହାର କାରଣ ପ୍ରକାଶ କରିଛନ୍ତି। ତାଙ୍କ କହିବା ଅନୁସାରେ ପଞ୍ଜାବୀ ଶିଳ୍ପରେ ତାଙ୍କୁ ବିବିଧ ପ୍ରକାର ଚରିତ୍ରର ପ୍ରସ୍ତାବ ମିଳୁଛି। ବଲିଉଡ୍‌ରୁ ବି ଅନେକ ପ୍ରସ୍ତାବ ଆସୁଛି, କିନ୍ତୁ ସେଥିରେ ଗୁରୁତ୍ୱପୂର୍ଣ୍ଣ ଚରିତ୍ର ସଂଖ୍ୟା କମ୍। ଅଧିକାଂଶ ଚଳଚ୍ଚିତ୍ରର ସ୍କ୍ରିପ୍ଟ ପଢ଼ି ସେ ବୁଝି ଯାଉଛନ୍ତି ଯେ ତାଙ୍କୁ ଦକ୍ଷତା ପ୍ରଦର୍ଶନର ଅବସର ମିଳିବ ନାହିଁ। ଏହି କାରଣରୁ ସେ ବହୁତ ଭାବିଚିନ୍ତି ଚଳଚ୍ଚିତ୍ର ବାଛୁଛନ୍ତି। ସେ ରୋକ୍‌ଠୋକ୍ କହିଦେଇଛନ୍ତି ଯେ କେବଳ ଗ୍ଲାମର ପ୍ରଦର୍ଶନ ଲାଗି ସେ କୌଣସି ଚଳଚ୍ଚିତ୍ରରେ କାମ କରିବେ ନାହିଁ। ଚଳଚ୍ଚିତ୍ରରେ ନିଜକୁ 'ସୁନ୍ଦର ବସ୍ତୁ' ରୂପେ ବ୍ୟବହାର କରାଯିବାକୁ ଶହନାଜ ଅଗ୍ରାହ୍ୟ କରୁଛନ୍ତି। ସେ ଏବେ ରାଧିକା ଆପଟ୍ଟେଙ୍କ ପଦାଙ୍କ ଅନୁସରଣ କରିବାକୁ ଚାହାନ୍ତି। ତାଙ୍କ ମତରେ ରାଧିକାଙ୍କ ବିଶେଷତ୍ୱ ହେଲା ସେ ଗ୍ଲାମରରେ ସୀମିତ ନୁହନ୍ତି। ପ୍ରଭାବଶାଳୀ ଚରିତ୍ରରେ ଅଭିନୟ ପାଇଁ ତାଙ୍କୁ ଲୋକମାନେ ଜାଣନ୍ତି। ତାଙ୍କ ପରି ଭଲ କଳାକାରଟିଏ ହେବା ଶହନାଜଙ୍କ ସ୍ୱପ୍ନ।

# 'ବଟ୍‌ୱାରା ୧୯୪୭'ର ପ୍ରଥମ ଗୀତ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀ ରାମଙ୍କୁ ଉତ୍ସର୍ଗୀକୃତ



ସନି ଦେଓଲଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ "ବଟ୍‌ୱାରା ୧୯୪୭"କୁ ଦର୍ଶକମାନେ ଉତ୍କଣ୍ଠାର ସହିତ ଅପେକ୍ଷା କରିଛନ୍ତି। ଭାରତ ଏବଂ ପାକିସ୍ତାନ ବିଭାଜନର ପୃଷ୍ଠଭୂମିରେ ନିର୍ମିତ ଏହି ଫିଲ୍ମର ମୁକ୍ତିଲାଭକୁ ଆଉ କିଛି ଦିନ ବାକି ଅଛି, କିନ୍ତୁ ନିର୍ମାତାମାନେ ପ୍ରଶଂସକମାନଙ୍କୁ ଗୋଟିଏ ପରେ ଗୋଟିଏ ଆଶ୍ଚର୍ଯ୍ୟଜନକ ଉପହାର ଦେଉଛନ୍ତି। ସମ୍ପ୍ରତି ଫିଲ୍ମର ଦ୍ୱିତୀୟ ଟିଜର ରିଲିଜ୍ କରିବା ପରେ, ନିର୍ମାତା ସନି ଦେଓଲ ଏବଂ ପ୍ରୀତି ଜିଣ୍ଟା ଅଭିନୀତ ଫିଲ୍ମର ପ୍ରଥମ ଗୀତ ରିଲିଜ୍ କରିଛନ୍ତି। ପ୍ରଭୁ ଶ୍ରୀରାମଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏହି ଗୀତ ଆପଣଙ୍କ ହୃଦୟକୁ ଛୁଇଁବ। ଗୀତଟି ନିଶ୍ଚିତ ଭାବରେ ଆପଣଙ୍କ ଆଖିରେ ଲୁହ ଆଣିଦେବ। ଏହି ଗୀତଟି ଜଣେ ମାଆଙ୍କ ପ୍ରେମ, ତାଙ୍କ କରୁଣା ଏବଂ ଭଗବାନଙ୍କ ସହ ତାଙ୍କ ଯନ୍ତ୍ରଣା ବାଣ୍ଟିବାର ଭାବନାକୁ ଗଭୀର ଭାବରେ ପ୍ରକାଶ କରେ। ଗୀତଟିର ଶୀର୍ଷକ 'କାହାଁ ଚଲେ ଗୟେ ହୋ ରାମ'। ଏଥିରେ ବରିଷ୍ଠ ଅଭିନେତ୍ରୀ ଶବାନା ଆଜମୀ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଏବଂ ସୀତାଙ୍କ ପ୍ରତିମା ସମ୍ମୁଖରେ ଠିଆ ହୋଇ ହାତ ଯୋଡ଼ି ଲୁହଭରା ଆଖିରେ ପ୍ରାର୍ଥନା କରୁଛନ୍ତି। ଗୀତରେ ଶବାନା ଆଜମୀଙ୍କ ସହିତ ପ୍ରୀତି ଜିଣ୍ଟା ଏବଂ ସନ୍ନି ଦେଓଲ ମଧ୍ୟ ଭାବପ୍ରବଣ ଢଙ୍ଗରେ ନଜର ଆସିଛନ୍ତି। ଭିଡିଓ ସେୟାର କରି ନିର୍ମାତାମାନେ କ୍ୟାପସନରେ ଲେଖିଛନ୍ତି, 'ଏକ୍ ମାଁ କି ପୁକାର୍ ...' ଯଦି ଆପଣ ଏହି ଗୀତକୁ ଆଖି ବନ୍ଦ କରି ଶୁଣନ୍ତି, ତେବେ ନିଶ୍ଚିତ ଭାବରେ ଆପଣଙ୍କ ଆଖିରୁ ଲୁହ ଝରିଯିବ। ଏହି ଗୀତଟି ପ୍ରସିଦ୍ଧ ଗାୟିକା ଅନୁରାଧା ପୌଡୱାଲ ଗାଇଛନ୍ତି ଏବଂ ଓସ୍କାର ବିଜେତା ଏ.ଆର. ରହମାନଙ୍କ ଦ୍ୱାରା ସ୍ୱରାବଦ୍ଧ। ଜଣାଶୁଣା ଗୀତିକାର ଜାଭେଦ ଅଖତର ଏହାର ଭାବପ୍ରବଣ ଗୀତ ଲେଖିଛନ୍ତି। ଗୀତଟି ଶୁଣିବା ପରେ ପ୍ରଶଂସକମାନେ ମଧ୍ୟ ବହୁତ ଭାବପ୍ରବଣ ହୋଇଯାଇଛନ୍ତି।

# ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ସମନ୍ୱିତ ପଦକ୍ଷେପ ଉପରେ ଗୁରୁତ୍ୱ

ଝାରସୁଗୁଡ଼ା,୩୦/୦୭ (ନି.ପ୍ର): ଜିଲ୍ଲାରେ ସଡ଼କ ସୁରକ୍ଷା ବ୍ୟବସ୍ଥାର କାର୍ଯ୍ୟାନ୍ୱୟନ ଏବଂ ବିଭିନ୍ନ ସଡ଼କ ସୁରକ୍ଷାମୂଳକ ପଦକ୍ଷେପର ଅଗ୍ରଗତିର ସମୀକ୍ଷା ନିମନ୍ତେ ଜିଲ୍ଲା ସଡ଼କ ସୁରକ୍ଷା କମିଟି (ଡିଆରଏସସି) ଏବଂ ଜିଲ୍ଲା ରାଜପଥ ସୁରକ୍ଷା ଟାସ୍କ ଫୋର୍ସର ସମୀକ୍ଷା ବୈଠକ ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥିତ ଡିଏମଏଫ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଡିଏସପି ବନିତା ମାଝୀ, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର, ଏମଭି ଆଇ ଅମିୟ ରଞ୍ଜନ ପାତ୍ର ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଭୋଇ ସଡ଼କ ଦୁର୍ଘଟଣା ଏବଂ ମୃତ୍ୟୁହାର ହ୍ରାସ ପାଇଁ ସମସ୍ତ ବିଭାଗର ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିସ୍ତୃତ ଆଲୋଚନା ପରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ରାସ୍ତା ପାର୍ଶ୍ୱରେ ବେଆଇନ ଗାଡ଼ି ପାର୍କିଂ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରଖିବାକୁ ଆରଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିକ୍ଷ ସଂସ୍ଥାମାନଙ୍କ ଦ୍ୱାରା ଚାଲିଥିବା ଡି-ଡଷ୍ଟିଂ କାର୍ଯ୍ୟକ୍ରମର ପ୍ରଶଂସା କରି ନିୟମିତ ଭାବେ ରାସ୍ତା ପାର୍ଶ୍ୱ ସଫେଇ ଓ ଧୂଳି ନିୟନ୍ତ୍ରଣ କାର୍ଯ୍ୟ ଜାରି ରଖିବାକୁ ବୈଠକ ରେ ନିଷ୍ପତ୍ତି ଗ୍ରହଣ କରାଗଲା । ଖେଉଁଆଳ ବ୍ରିଜ ନିକଟରେ ଖରାପ ହୋଇପଡ଼ିଥିବା ଯାନବାହନକୁ ତୁରନ୍ତ ହଟାଇବା ପାଇଁ ଜେଏସଡବ୍ଲୁ, ସମ୍ବଲପୁର ପକ୍ଷରୁ ୨୪୭ କ୍ରେନ୍ ସେବା ଉପଲବ୍ଧ କରାଯାଇଛି । ଏଥିପାଇଁ ୯ ୪ ୩ ୭ ୦ ୬ ୭ ୦ ୧ ୪ ମୋବାଇଲ୍ ନମ୍ବର ସାର୍ବଜନୀନ ସୁବିଧା ପାଇଁ ସାଇନେଜ୍ ବୋର୍ଡରେ ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜାତୀୟ ରାଜପଥ କଡ଼ରେ ଥିବା ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ନିକଟରେ ରମ୍ବଲ୍ ଷ୍ଟ୍ରିପ୍ ସ୍ଥାପନ କରିବାକୁ ଏନଏଚଏଆଇକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଜାତୀୟ ଓ ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ବେଆଇନ ଢାବା, ବ୍ୟବସାୟିକ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ଜବରଦଖଲ ହଟାଇବା ପାଇଁ ଉପଜିଲ୍ଲାପାଳଙ୍କ ନିକଟରେ ଅଗ୍ରାଧିକାର ଭିତ୍ତିରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିବାକୁ ଏନଏଚଏଆଇ ଏବଂ ରାଜ୍ୟ ରାଜପଥ କର୍ତ୍ତୃପକ୍ଷଙ୍କୁ କୁହାଯାଇଥିଲା। ବ୍ରଜରାଜନଗର ଟ୍ରକ୍ ଟର୍ମିନାଲର ଶୀଘ୍ର ହସ୍ତାନ୍ତର ପାଇଁ ବ୍ରଜରାଜନଗର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାସହ ଡୁଙ୍ଗଡୁଙ୍ଗ ଛକରେ ଭାରୀ ମାଲବାହୀ ଯାନ ଉପରେ କଡ଼ା ନଜର ରଖିବା ପାଇଁ ପୁଲିସ ଓ ଆରଟିଓଙ୍କୁ ମିଳିତ ଏନଫୋର୍ସମେଣ୍ଟ ଡ୍ରାଇଭ୍ ଚଳାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକ ଶେଷରେ ଜିଲ୍ଲାରେ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଏବଂ ଦୁର୍ଘଟଣା ହ୍ରାସ ପାଇଁ ସମସ୍ତ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା।

# ଉନ୍ନତ ପ୍ରଗତି ପାଇଁ ଚାଷୀ ଓ ବ୍ୟବସାୟୀଙ୍କ ମିଳନ ଉତ୍ସବ

ଜଳେଶ୍ୱର ,୩୦/୦୭ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ୬୦ ନଂ ଜାତୀୟ ରାଜପଥ କଡ଼ରେ ଥିବା ଚାଲନ୍ତି ବଜାର ପ୍ରାଙ୍ଗଣରେ ଗୁରୁବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଏକ ନୂତନ'ପନିପରିବା କ୍ରେତା-ବିକ୍ରେତା ସମ୍ମିଳନୀ' ବାଲେଶ୍ୱର ଡିଭିଜନ ବାଲେଶ୍ୱର ର ଡେପୁଟି ରେଜିଷ୍ଟର ସରୁଜିନି ନାୟକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଉନ୍ନତ ପ୍ରଗତି ପାଇଁ ଚାଷୀ ଓ ବ୍ୟବସାୟୀଙ୍କ ସିଧାସଳଖ ମିଳନ କରାଇବା ଏବଂ କୃଷି କାରବାରକୁ ଅଧିକ ସ୍ୱଚ୍ଛ ଓ ଲାଭଦାୟକ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି ସମବାୟ ବିଭାଗ ଓଡ଼ିଶା ସରକାର ତଥା ସାଧାରଣ ପରିଚାଳକ ଓଡିଶା ରାଜ୍ୟ କୃଷି ବିପଣନ ଓଡିଶା ସରକାର ଙ୍କ ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଧରିତ୍ରୀ ମିଶ୍ର ବକ୍ତବ୍ୟରେ କହିଥିଲେ।ଏହି ସମ୍ମିଳନୀ ମାଧ୍ୟମରେ ଚାଷୀ,ବ୍ୟବସାୟୀ ଏବଂ ବଜାର ପରିଚାଳନା ପାଇଁ ମିଳୁଥିବା ବିବିଧ ସୁବିଧା ସୁଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ? ?ଚାଷୀମାନେ ନିଜର ଉତ୍ପାଦିତ ସାମଗ୍ରୀକୁ କୌଣସି ଜଟିଳତା ବିନା ସିଧାସଳଖ ବଜାରରେ ବିକ୍ରି କରିବାର ସୁଯୋଗ ପାଇପାରିବେ। ଚାଷୀ ନିଜ ପରିଶ୍ରମର ସଠିକ୍ ଏବଂ ଲାଭଦାୟକ ମୂଲ୍ୟ ପାଇବା ନିଶ୍ଚିତ ହେବ ।ଦଲାଲ କିମ୍ବା ମଧ୍ୟସ୍ଥିଙ୍କ ଶୋଷଣରୁ ଚାଷୀମାନେ ମୁକ୍ତି ପାଇବେ,ଯାହାଦ୍ୱାରା ସେମାନଙ୍କ ଆୟ ବୃଦ୍ଧି ପାଇବ। ?ବାଣିଜ୍ୟିକ କୌଶଳ ଓ ବଜାରର ଚାହିଦା ସମ୍ପର୍କରେ ଚାଷୀଙ୍କ ଜ୍ଞାନ ଓ ଦକ୍ଷତା ବୃଦ୍ଧି ପାଇବ ।ସମସ୍ତ ବିକ୍ରୟ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ପ୍ରତ୍ୟକ୍ଷ ଭାବେ ସମ୍ପାଦିତ ହେବ ।ସିଧାସଳଖ ଚାଷୀଙ୍କ ଲ୍ୟାଣ୍ଡରୁ ଆସୁଥିବାରୁ କ୍ରେତାମାନେ ଉଚ୍ଚ ଗୁଣବତ୍ତାସମ୍ପନ୍ନ ସତେଜ ପନିପରିବା ପାଇପାରିବେ। ବ୍ୟବସାୟୀମାନଙ୍କୁ ସାମଗ୍ରୀର ଅଭାବ ହେବ ନାହିଁ,ନିୟମିତ ଯୋଗାଣ ବଜାୟ ରହିବ। ଉତ୍ପାଦ କେଉଁଠାରୁ ଏବଂ କିପରି ଆସୁଛି,ସେ ସମ୍ପର୍କରେ ସଠିକ୍ ତଥ୍ୟ ମିଳିପାରିବ। ହୋଲସେଲ୍ କିମ୍ବା ବହୁଳ ପରିମାଣରେ ପରିବା କିଣିବା ପାଇଁ ଅନୁକୂଳ ପରିବେଶ। ଏହି ବ୍ୟବସାୟିକ ପ୍ରକ୍ରିୟାକୁ ସୁଗମ କରିବା ପାଇଁ ଚାଲନ୍ତି ବଜାର ପ୍ରାଙ୍ଗଣରେ ଆବଶ୍ୟକୀୟ ଅତ୍ୟାଧୁନିକ ଭିତ୍ତିଭୂମି ଯୋଗାଇ ଦିଆଯାଇଛି। ସଠିକ୍ ଓଜନ ପାଇଁ ଆଧୁନିକ ଓଜନ କଣ୍ଟାର ବ୍ୟବସ୍ଥା ।ସ୍ୱଚ୍ଛ ନିଲାମ ପ୍ରକ୍ରିୟା ପାଇଁ ସ୍ୱତନ୍ତ୍ର ନିଲାମ ପିଣ୍ଡି ।ବଳକା ଉତ୍ପାଦକୁ ସୁରକ୍ଷିତ ରଖିବା ପାଇଁ ଗୋଦାମ ଘର ।ଗାଡ଼ିମୋଟର ଆସିବା ଓ ରହିବା ପାଇଁ ପ୍ରଶସ୍ତ ପାର୍କିଂ ବ୍ୟବସ୍ଥା। ?ଏହି ସମ୍ମିଳନୀ ଫଳରେ ଜଳେଶ୍ୱର ଅଞ୍ଚଳର କୃଷକ ଓ ବ୍ୟବସାୟୀଙ୍କ ମଧ୍ୟରେ ଏକ ସୁଦୃଢ଼ ସମ୍ପର୍କ ଗଢ଼ିଉଠିବା ସହ ସ୍ଥାନୀୟ କୃଷି ଅର୍ଥନୀତିରେ ଏକ ନୂତନ ଅଧ୍ୟାୟ ଯୋଡ଼ିହେବ ବୋଲି ଡିଏଫଓ ବାଲେଶ୍ୱର ଦେବବ୍ରତ ସାମଲ,ସିଡିଓ ବିଶ୍ୱଜିତ ପଣ୍ଡା,ଡେପୁଟି ସିଇଓ ଓଡମାସ ଶାନ୍ତନୁ ବାନାର୍ଜୀ,ଡିପିସି ମିଶନ ଶକ୍ତି ବାଲେଶ୍ୱର କାର୍ତ୍ତୀକ ଚନ୍ଦ୍ର ନାୟକ,ଏଡିଏଚ ରଶ୍ମିରେଖା ପଣ୍ଡା,ଏଆରସିଏସ କାମ ଆର ଏମ ଓ ବାଲେଶ୍ୱର ଏକାଦଶୀ ଦାସ,ରିସର୍ଚ୍ଚ ଏସିଷ୍ଟେଣ୍ଟ ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ ଭୁବନେଶ୍ୱର କେଦାର ନାଥ ସ୍ୱାଇଁ,ଉପାଧ୍ୟକ୍ଷ ନିୟନ୍ତ୍ରିତ ବଜାର କମିଟି ଜଳେଶ୍ୱର ମାନସ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

# କଦମପଡା ଶିଶୁମନ୍ଦିରରେ ଶ୍ରୀ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ

ବଲାଙ୍ଗିର ,୩୦/୦୭ (ନି.ପ୍ର): ଆଜି ବଲାଙ୍ଗୀରସ୍ଥ କଦମପଡା ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିରରେ 'ଶ୍ରୀ ଗୁରୁପୂର୍ଣ୍ଣିମା ଉତ୍ସବ' ବିଦ୍ୟାଳୟର ସଂପାଦକ ତରଣୀସେନ ପଟେଲଙ୍କ ସଭାପତିତ୍ୱରେ ପାଳନ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ତଥା ଶିକ୍ଷା ବିକାଶ ସମିତି,ଓଡିଶାର ଦକ୍ଷିଣ-ପଶ୍ଚିମ ପ୍ରାନ୍ତର କୋଷାଧ୍ୟକ୍ଷ ଦତ୍ତାନନ୍ଦ ପଣ୍ଡା ଯୋଗ ଦେଇଥିଲେ । ପ୍ରଥମେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା ।ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସନାତନ ମିଶ୍ର ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସଂଯୋଜନା ଛାତ୍ରୀ ଇପସିତା ଅପରାଜିତା ସାହୁ, ପ୍ରଗତି ଦାଶ କରିଥିଲେ । ଏହାପରେ ବିଦ୍ୟାଳୟର ସଂପାଦକ ତରଣୀସେନ ପଟେଲ ଉତ୍ତରୀୟ ପ୍ରଦାନ ପୂର୍ବକ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧନା କରିଥିଲେ । ଶିଶୁବକ୍ତା ରୂପେ ସ୍ୱିକୃତି ରାଣି କର୍ମୀ, ଶ୍ରୀୟାଶଂ ସାହୁ, ସୋମନାଥ ପାଣିଗ୍ରାହୀ, ବିଶାଖା ମେହେର,ଶ୍ରୀୟାଶିଂ ସାଏ ଓ ଇଚ୍ଛାମୟ ମିଶ୍ର ନିଜ ନିଜ ବକ୍ତବ୍ୟ ଦେଇଥିଲେ । ଗୁରୁମା ନମିତା ତ୍ରିପାଠୀ ମଧ୍ୟ ନିଜ ବିଚାର ପ୍ରଦାନ କରିଥିଲେ । ଏହାପରେ ମୁଖ୍ୟ ଅତିଥି ମହୋଦୟ ନିଜ ବକ୍ତବ୍ୟ ଦେଇ କହିଥିଲେ ଯେ ବିଦ୍ୟା ତାହା ଯାହା ମଣିଷକୁ ମୁକ୍ତ କରିଦିଏ ।ଏହାପରେ ସଭାପତି ଡ. ଭବାନୀ ଶଙ୍କର ପଟେଲ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଏହାପରେ ଶେଷରେ ସଂପାଦକ ମହୋଦୟ ସମସ୍ତଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ଅର୍ପଣ କରିଥିଲେ ।ଏହାପରେ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ଗୈରିକ ଧ୍ୱଜର ପୂଜନ କରା ଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀ ଅମିଷା ସାହୁ ଓଡିଶୀ ନୃତ୍ୟ, ବ୍ୟକ୍ତିଗତ ଗୀତରେ ଇପସା ମିଶ୍ର, ସମ୍ବଲପୁରୀ ନୃତ୍ୟରେ ମୋନିକା ମିଶ୍ର ନିଜ ନିଜ କଳାକୃତି ପ୍ରଦର୍ଶନ କରିଥିଲେ । ଏହିପରି ଗୁରୁମା ନିରୁପମା ପାଣିଗ୍ରାହୀଙ୍କ ସଞ୍ଚାଳନରେ ସଫଳତା ସହ ଶେଷ ହୋଇଥିଲା ।

## ଅଠରନଳାରେ ନୂଆ ମଦ ଦୋକାନକୁ ବିରୋଧ

ପୁରୀ,୩୦/୦୭ (ନି.ପ୍ର): ନୂଆ ଅବକାରୀ ନୀତି ଅନୁଯାଇ ଅଧିକ ମଦ ଦୋକାନ ଖୋଲିବା ପାଇଁ ସରକାରୀ ନିଷ୍ପତ୍ତି ହୋଇଥିଲା । ପୁରୀର ପ୍ରବେଶ ପଥ ଅଠରନଳା ନିକଟ ଚିଙ୍ଗୁଡି ଫ୍ୟାକ୍ଟ୍ରି ସମ୍ମୁଖରେ ଏକ ନୂଆ ମଦ ଦୋକାନ ଖୋଲିବା ପାଇଁ ପ୍ରସ୍ତୁତି ଯୋରଦାର ଚାଲିଥିବା ବେଳେ ଅଂଚଳବାସୀ ଘୋର ବିରୋଧ କରିଛନ୍ତି । ବୁଧବାର ଦିନ ଅଠରନଳା ପାଟଣା ଗ୍ରାମ୍ୟ କମିଟି, ସ୍ୱୟ ସହାୟକ ଗୋଷ୍ଠୀର ମହିଳା ମାନେ ଏହାକୁ ବିରୋଧ କରି ଅଠରନଳା ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଆସିଥିଲେ । ନୂଆ ଦୋକାନ ବନ୍ଦ ପାଇଁ ଦାବି କରିବା ,ବିକ୍ଷୋଭ ପ୍ରଦର୍ଶନ ଓ ପ୍ଲାଗ କାର୍ଡ ପ୍ରଦର୍ଶନ କରିଥିଲେ । ଏ ସମ୍ପର୍କରେ ଜିଲାପାଳଙ୍କୁ ଗତ ୨୧ ତାରିଖରେ ଜଣାଇଥିଲେ । ସାତ ଦିନ ପରେ ଜିଲ୍ଲାପାଳ କିଛି ପଦକ୍ଷେପ ନନେବାରୁ ଗ୍ରାମ୍ୟବାସୀ ମାନେ ଶାନ୍ତିପୂର୍ଣ୍ଣ ଭାବେ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଥିଲେ । ଗ୍ରାମ୍ୟ କମିଟିର ସଭାପତି ଲକ୍ଷ୍ମୀଧର ଦାଶ ସମ୍ପାଦକ ପ୍ରଶାନ୍ତ କୁମାର ପରିଡାଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ ।

# ଶତାୟୁ ବରିଷ୍ଠ ମୁରବୀଙ୍କ ପରଲୋକରେ ସ୍ଥାନୀୟ ଅଂଚଳରେ ଶୋକ

ଧର୍ମଶାଳା,୩୦/୦୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ମଙ୍ଗଳପୁର ପଂଚାୟତସ୍ଥ ନୂଆକୂଳ ଗ୍ରାମର ଶତାୟୁ ବରିଷ୍ଠ ମୁରବୀ ତଥା ସମାଜିକ କର୍ମୀ ହାଡିବନ୍ଧୁ ପ୍ରଧାନଙ୍କର ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କ ବାସଭବନ ପରିସରରେ ପରଲୋକ ହୋଇ ଯାଇଛି । ପରଲୋକ ବେଳକୁ ତାଙ୍କୁ ୧୦୪ବର୍ଷ ହୋଇଥିଲା । ମାତ୍ର କିଛି ଦିନ ହେବ ସେ ଅସୁସ୍ଥ ଥିଲେ । ପରଲୋକ ସମୟରେ ପରିବାର ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ । ତାଙ୍କ ପରଲୋକର ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକରଛାୟା ଖେଳି ଯାଇଛି । ବୁଧବାର ସକାଳୁସକାଳୁ ତାଙ୍କ ବାସଭବନରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇ ଶେଷଦର୍ଶନ କରିବା ସହିତ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଖବର ପାଇ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଓ ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା ଗଭୀର ଶୋକ ପ୍ରକାଶ କରିଛନ୍ତି । ଏହି ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୩୪ ନଂ ଜୋନ ମଣ୍ଡଳ ସଭାପତି ତିର୍ଥରାଜ ପଣ୍ଡା,୧୫ ନଂ ଜୋନ ସଭାପତି ପ୍ରଶାନ୍ତ କୁମାର ନାୟକ,୧୧ଜୋନ ପ୍ରଭାରୀ ରାଜେଶ ପାଲ,୧୫ ନଂ ଜୋନ ପ୍ରଭାରୀ ଆଲୋକ ଲେଙ୍କା,୧୨ ନଂ ଜୋନ ପ୍ରଭାରୀ ଅଭିଷେକ ରାଉତ,ମଣ୍ଡଳ ପ୍ରଭାରୀ ଗୌରାଙ୍ଗ ପୃଷ୍ଟି,ରସୁଲପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଟୁକ ସାମଲ ଓ ମଙ୍ଗଳପୁର ସରପଂଚ ପ୍ରମୋଦ କୁମାର ଜେନା ପ୍ରମୁଖଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଓ ଶିକ୍ଷାବିତ୍ମାନେ ସ୍ୱର୍ଗତ ପ୍ରଧାନଙ୍କ ଶେଷ ଦର୍ଶନ କରିବା ସହିତ ଶୋକାକୂଳ ପରିବାରଙ୍କୁ ସମବେଦନା ଜଣାଇ ଥିଲେ । ତାଙ୍କ ମରଶରୀରକୁ ଏକ ବିଶାଳ ଶୋଭାଯାତ୍ରାରେ ସ୍ଥାନୀୟ ଅଂଚଳ ପରିକ୍ରମା ପରେ ଶେଷକୃତ ସମ୍ପନ୍ନ କରାଯାଇ ଥିଲା । ବଡପୁଅ ରମେଶ ଚନ୍ଦ୍ର ମୁଖାଗ୍ନୀ ଦେଇ ଥିଲେ । ସ୍ୱର୍ଗତ ପ୍ରଧାନ ଦୀର୍ଘ ଦିନ ଧରି ସ୍ଥାନୀୟ ଅଂଚଳବାସୀ ବରିଷ୍ଠ ମୁରବୀଭାବେ ବେଶ୍ ଆଦର କରୁଥିଲେ । ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ବିଭିନ୍ନ ଅନୁଷ୍ଠାନ ସହ ଜଡିତ ଥିଲେ । ସ୍ଥାନୀୟ ଅଂଚଳରେ ଶତାୟୁ ମୁରବୀଙ୍କ ସ୍ଥାନ କେହି ହାସଲ କରି ପାରିବେ ନାହିଁ ବୋଲି ବରିଷ୍ଠ ସମାଜସେବୀମାନେ ମତ ପ୍ରକାଶ କରିଥିଲେ ।

# ବିଲ ଜଗିବା ବେଳେ ଦଳି ଦେଲା ହାତୀ

କନ୍ଧମାଳ,୩୦/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ ବନଖଣ୍ଡ ଅନ୍ତର୍ଗତ ଘୁ. ଉଦୟଗିରିରେ ବନ୍ୟାଞ୍ଚଳରେ ନିଜ ଚାଷ ଜମି ଜଗିବାକୁ ଯାଇ ବିଲରେ ଥିବା କଚ୍ଚା ଚାଳ ଘରେ ଶୋଇଥିବା ବେଳେ ଏକ ଜଙ୍ଗଲି ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ କନ୍ଧମାଳ ଜିଲ୍ଲା ଟିକାବାଲି ଥାନା,ବଡମୁଣ୍ଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ପେଟାମାହା ଗ୍ରାମର ପ୍ରଦୀପ ପ୍ରଧାନ (୪୫) ବୋଲି ଜଣାପଡିଛି। ଫୁଲବାଣୀ ବନଖଣ୍ଡ ର ଏସିଏଫ୍ ସୁଶ୍ରୀ ଶ୍ୱେତଲୀନା ସାହୁଙ୍କ ସୁଚନା ଅନୁଯାୟୀ ମଙ୍ଗଳବାର ରାତି ପ୍ରାୟ ୧.୩୦ ମିନିଟ୍ ସମୟରେ ପ୍ରଦୀପ ଶୋଇବା ବେଳେ ହାତଟି ଘର ଉପରକୁ ଆକ୍ରମଣ କରିଥିଲା। ପ୍ରଦୀପ ଜୀବନ ରକ୍ଷା କରିବା ପାଇଁ ଦୌଡି ପଳେଇବା ବେଳେ ହାତୀ ସହିତ ମୁହାଁମୁହିଁ ହୋଇଥିଲା ଏବଂ ହାତଟି ଆକ୍ରମଣ କରିଥିଲା ଫଳରେ ଘଟଣାସ୍ଥଳରେ ହିଁ ଜଣଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା ଖବର ପାଇ ଫୁଲବାଣୀ ଡିଏଫଓ ଶ୍ରୀ ପ୍ରତାପ କୋଟାପଲ୍ଲୀ, ଏସିଏଫ୍ ଶ୍ୱେତଲୀନା ସାହୁଙ୍କ ସମେତ ଜଙ୍ଗଲ ବିଭାଗ ର ସମସ୍ତ ଅଧିକାରୀ ଓ କର୍ମଚାରୀ ତଥା ଟିକାବାଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।ତେବେ ମୃତକଙ୍କ ପରିବାରକୁ ସମସ୍ତ ସରକାରୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଡିଏଫଓ କହିଛନ୍ତି। ତେବେ ହାତୀର ଗତିବିଧି ଉପରେ ନଜର ରଖିବା ପାଇଁ ୫ଟି ସ୍କ୍ୱାଡକୁ ନିୟୋଜିତ କରିବା ସହିତ ହାତୀ ଉପଦୃତ ଅଞ୍ଚଳରେ ଲୋକଙ୍କୁ ରାତିରେ ବାହାରକୁ ନ ବାହାରିବ ଓ ସତର୍କତାର ସହିତ ରହିବା ପାଇଁ ସଚେତନ କରାଯାଉଛି।

## ଚାନ୍ଦା କରି ରାସ୍ତା ମରାମତି କଲେ ସାହି ବାସିନ୍ଦା

ଜୟପୁର ,୩୦/୦୭ (ନି.ପ୍ର): ବର୍ଷ ବର୍ଷ ଧରି ପ୍ରଶାସନର ଅଣଦେଖା କାରଣରୁ ସାହିର ରାସ୍ତା ମରାମତି ହୋଇ ପାରିଲା ନାହିଁ। ବର୍ଷା ଦିନ ଆସିଲା ରାସ୍ତା କାଦ ପଚ ହେଲା। କାଦ ରାସ୍ତା ରେ ଲୋକେ ଯିବା ଆସିବା କଷ୍ଟ କର ହେଲା। ଶେଷରେ ନିଜ ସାହି ରାସ୍ତାର ମରାମତି ପାଇଁ ଚାନ୍ଦା କରି କାଦ ରାସ୍ତା ଉପରେ ବଜାରୀ ଗୋଡି ଓ ଡଷ୍ଟ ପାଉଡର ପକାଇ ରାସ୍ତା ମରାମତି କଲେ ଗ୍ରାମ ବାସୀ। ଏଭଳି ଦୃଶ୍ୟ ସାମ୍ନାକୁ ଆସିଛି ବୋରିଗୁମ୍ମା-ସହରର ଅଜଧା ନଗର ପ୍ରଥମ ଗଳିରୁ।

# ସରବାହାଲ ରେଳ କ୍ରସିଂ ରାସ୍ତା ବେହାଲ: ଦୁର୍ଘଟଣା ଆଶଙ୍କା ବଢ଼ିଲା, ତୁରନ୍ତ ମରାମତି ପାଇଁ ଜନଦାବି

ଝାରସୁଗୁଡ଼ା,୩୦/୦୭ (ନି.ପ୍ର): ଝାରସୁଗୁଡ଼ା ସହରର ଅତ୍ୟନ୍ତ ବ୍ୟସ୍ତବହୁଳ ସରବାହାଲ ରେଳ କ୍ରସିଂ ନିକଟସ୍ଥ ରାସ୍ତାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ରାସ୍ତାରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଖାଲଖମା ଏବଂ ବର୍ଷା ପାଣି ଜମି ରହୁଥିବାରୁ ପ୍ରତିଦିନ ହଜାର ହଜାର ଯାତ୍ରୀ, ବ୍ୟବସାୟୀ ଓ ସ୍ଥାନୀୟ ବାସିନ୍ଦା ଯାତାୟାତ ସମୟରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ସ୍ଥାନୀୟ ଲୋକେ ରେଳବାଇ କର୍ତ୍ତୃପକ୍ଷ ଓ ପ୍ରଶାସନଙ୍କ ନିକଟରେ ତୁରନ୍ତ ସ୍ଥାୟୀ ମରାମତି ପାଇଁ ଦାବି ଜଣାଇଛନ୍ତି।

ସୂଚନା ଅନୁଯାୟୀ, ରେଳ କ୍ରସିଂ ନିକଟରେ ରାସ୍ତାର ବିଭିନ୍ନ ସ୍ଥାନରେ ଗଭୀର ଖାଲ ସୃଷ୍ଟି ହୋଇଛି। ସାମାନ୍ୟ ବର୍ଷା ହେଲେ ମଧ୍ୟ ସେଥିରେ ପାଣି ଜମି ରହୁଥିବାରୁ ରାସ୍ତାର ପ୍ରକୃତ ଅବସ୍ଥା ଜଣାପଡୁ ନାହିଁ। ଫଳରେ ବାଇକ୍, ଅଟୋ ଓ ଅନ୍ୟାନ୍ୟ ଯାନବାହନ ସହ ପଥଚାରୀମାନେ ଦୁର୍ଘଟଣାର ସମ୍ମୁଖୀନ ହେବାର ଆଶଙ୍କା ବଢ଼ିଛି। ଏହା ସହିତ ପାଣି ଜମି ରହିବା ଯୋଗୁଁ ପ୍ରାୟ ପ୍ରତିଦିନ ଟ୍ରାଫିକ୍ ସମସ୍ୟା ମଧ୍ୟ ଦେଖାଦେଉଛି।

ଏହି ସମସ୍ୟାକୁ ନେଇ ସହରର ବିଶ୍ୱାମିତ୍ର ଭଇଂସା, ସୁନୀଲ ଗାଇଗରିଆ, ମଦନ ସାହୁଙ୍କ ସମେତ ଅନେକ ସ୍ଥାନୀୟ ବୁଦ୍ଧିଜୀବୀ ଓ ନାଗରିକ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନେ ରେଳବାଇ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନଙ୍କୁ ତୁରନ୍ତ ରାସ୍ତାର ସ୍ଥାୟୀ ମରାମତି କରିବାକୁ ଦାବି କରିଛନ୍ତି। ଦାବି ପୂରଣ ନହେଲେ ଆଗାମୀ ଦିନରେ ଗଣଆନ୍ଦୋଳନର ପନ୍ଥା ଗ୍ରହଣ କରାଯିବ ବୋଲି ମଧ୍ୟ ସେମାନେ ଚେତାବନୀ ଦେଇଛନ୍ତି।

ଅନ୍ୟପକ୍ଷରେ, ଏହି ପ୍ରସଙ୍ଗରେ ଝାରସୁଗୁଡ଼ା ରେଳ ଷ୍ଟେସନର ଷ୍ଟେସନ ମାଷ୍ଟରଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନଥିଲା। ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ରେଳବାଇ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ଏହି ସମସ୍ୟାର ଶୀଘ୍ର ସମାଧାନ କରିବେ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି।

# ବୋରିଗୁମ୍ମା ବ୍ଲକ ନୂଆଗାଁ ସରକାରୀ ଆଶ୍ରମ ବିଦ୍ୟାଳୟରେ ଭାଲୁ ଆତଙ୍କ

ଜୟପୁର,୩୦/୦୭ (ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ନୂଆଗାଁ ସରକାରୀ ଆଶ୍ରମ ବିଦ୍ୟାଳୟରେ ଭାଲୁ ଆତଙ୍କ ଥମିବାର ନାଁ ନେଉନି। ଗତକାଲି ରାତିରେ ପୁଣିଥରେ ଏକ ଭାଲୁ ସ୍କୁଲ ପରିସରକୁ ପଶିଥିବା ଦୃଶ୍ୟ କେମେରାରେ କଏଦ ହୋଇଛି। ବାରମ୍ବାର ଭାଲୁ ସ୍କୁଲ ଭିତରକୁ ପଶୁଥିବାରୁ ।ଛାତ୍ରାବାସରେ ରହୁଥିବା ୪୦୦ରୁ ଅଧିକ ଛାତ୍ରଛାତ୍ରୀ ଭୟଭୀତ ହୋଇପଡ଼ିଛନ୍ତି। ତୁରନ୍ତ ସ୍ଥାୟୀ ପଦକ୍ଷେପ ନେବାକୁ ଅଭିଭାବକ ଓ ସ୍ଥାନୀୟ ଲୋକ ଦାବି କରିଛନ୍ତି। ବୋରିଗୁମ୍ମା ବ୍ଲକର ନୂଆଗାଁ ସରକାରୀ ଆଶ୍ରମ ବିଦ୍ୟାଳୟ ରେ ଗତକାଲି ରାତିରେ ପୁଣିଥରେ ପାଚେରୀ ଡେଇଁ ସ୍କୁଲ ପରିସରକୁ ପଶିଛି ଏକ ଭାଲୁ। ଖାଦ୍ୟ ଅନ୍ୱେଷଣରେ ବାରମ୍ବାର ସ୍କୁଲ ଭିତରକୁ ଆସୁଥିବା ଭାଲୁ ଏବେ ଛାତ୍ରଛାତ୍ରୀଙ୍କ ପାଇଁ ବଡ଼ ବିପଦ ପାଲଟିଛି। ସ୍କୁଲ ଛାତ୍ରାବାସରେ ରହୁଥିବା ୪୦୦ରୁ ଅଧିକ ଛାତ୍ରଛାତ୍ରୀ ସନ୍ଧ୍ୟା ହେଲେ ଭୟରେ ଦିନ କାଟୁଛନ୍ତି। ପୂର୍ବରୁ ମଧ୍ୟ ଭାଲୁ ସ୍କୁଲ ରେ ପଶିଛି। ବାରମ୍ବାର ଭାଲୁର ଉପଦ୍ରବ ଯୋଗୁଁ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ମଧ୍ୟରେ ଆତଙ୍କ ବଢ଼ିଚାଲିଛି। କୌଣସି ଅଘଟଣ ଘଟିବା ପୂର୍ବରୁ ଜଙ୍ଗଲ ବିଭାଗ ତୁରନ୍ତ ସ୍ଥାୟୀ ପଦକ୍ଷେପ ନେଇ ଭାଲୁର ଚଳପ୍ରଚଳ ରୋକିବା ସହ ସ୍କୁଲ ପରିସରରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ସ୍ଥାନୀୟ ଲୋକ ଓ ଅଭିଭାବକ ଦାବି କରିଛନ୍ତି।

# ପ୍ରତ୍ୟେକ ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କଲା କ୍ଲାପ

## ତାମିଲନାଡୁ ଆମୋନିଆ ଗ୍ୟାସ ଦୁର୍ଘଟଣା ପଛରେ ମାନବ ଚାଲାଣ, ଶିଶୁ ଶ୍ରମ ଓ ପ୍ରଶାସନିକ ବିଫଳତା ଅଭିଯୋଗ

ଖୋର୍ଦ୍ଧା,୩୦/୦୭ (ନି.ପ୍ର): ତାମିଲନାଡୁର ଏକ ସାମୁଦ୍ରିକ ଖାଦ୍ୟ ରପ୍ତାନି କାରଖାନାରେ ଘଟିଥିବା ଆମୋନିଆ ଗ୍ୟାସ ଲିକ ଘଟଣାରେ ପ୍ରାଣ ହରାଇଥିବା ପ୍ରତ୍ୟେକ ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ କ୍ଲାପ ଲିଗାଲ୍ ସର୍ଭିସ ଇନଷ୍ଟିଚ୍ୟୁଟ୍ ଦାବି କରିଛି। ଏହି ଘଟଣା କେବଳ ଏକ ଔଦ୍ୟୋଗିକ ଦୁର୍ଘଟଣା ନୁହେଁ, ବରଂ ମାନବ ଚାଲାଣ, ଶିଶୁ ଶ୍ରମ ଓ ଆଦିବାସୀ ସମ୍ପ୍ରଦାୟର ଶୋଷଣ ସହ ଜଡ଼ିତ ଏକ ଗୁରୁତର ଘଟଣା ବୋଲି ସଂସ୍ଥା ଅଭିଯୋଗ କରିଛି। ଘଟଣା ପରେ କ୍ଲାପ ପକ୍ଷରୁ ଗଠିତ ତଥ୍ୟ ଅନୁସନ୍ଧାନକାରୀ ଦଳର ରିପୋର୍ଟରେ ଶ୍ରମ ଆଇନ, ଶିଶୁ ସୁରକ୍ଷା ଆଇନ, ମାନବ ଚାଲାଣ ନିରୋଧ ଆଇନ ଏବଂ ଆଦିବାସୀ କଲ୍ୟାଣ ସମ୍ବନ୍ଧୀୟ ବିଭିନ୍ନ ଆଇନର ଗୁରୁତର ଉଲ୍ଲଂଘନ ହୋଇଥିବା ଅଭିଯୋଗ କରାଯାଇଛି। ଏହି ଦୁର୍ଘଟଣାରେ ଓଡ଼ିଶାର କେନ୍ଦୁଝର ଜିଲ୍ଲାର ବିଶେଷ ଦୁର୍ବଳ ଜନଜାତି (ପିଭିଟିଜି) ଜୁଆଙ୍ଗ ସମ୍ପ୍ରଦାୟର ୧୫ ଜଣ ଯୁବତୀଙ୍କ ସହ ଆସାମ ଓ ଝାଡ଼ଖଣ୍ଡର ୩ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୫ ଜଣ ଶ୍ରମିକ ଗୁରୁତର ଭାବେ ଆହତ ହୋଇ ଶାରୀରିକ ଓ ମାନସିକ ସମସ୍ୟାରେ ପୀଡ଼ିତ ଥିବା ଜଣାପଡ଼ିଛି। ୨୦୨୫ ଅକ୍ଟୋବର ମାସରେ କେନ୍ଦୁଝର ଜିଲ୍ଲାର ପ୍ରାୟ ୩୦ ଜଣ ଯୁବକ-ଯୁବତୀଙ୍କୁ ସ୍ଥାନୀୟ ଏଜେଣ୍ଟ ଶ୍ରୀକାନ୍ତ ଜୁଆଙ୍ଗ ମାସିକ ୯,୫୦୦ ଟଙ୍କା ଦରମାରେ ତାମିଲନାଡୁର ସେଣ୍ଟ ପିଟର୍ସ ଆଣ୍ଡ ପଲ୍ସ ସି-ଫୁଡ୍ସ ଏକ୍ସପୋର୍ଟ ପ୍ରାଇଭେଟ୍ ଲିମିଟେଡ୍ କାରଖାନାକୁ ପଠାଇଥିଲେ। ସେମାନଙ୍କ ମଧ୍ୟରେ ୧୮ ବର୍ଷରୁ କମ ବୟସର ୫ ଜଣ ନାବାଳକ-ନାବାଳିକା ଥିବା ଏବଂ ସମସ୍ତେ ଜୁଆଙ୍ଗ ଜନଜାତିର ଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅନୁସନ୍ଧାନକାରୀ ଦଳ ମତ ଦେଇଛି ଯେ, ଏହି ନିଯୁକ୍ତି ପ୍ରକ୍ରିୟାରେ ମାନବ ଚାଲାଣର ସମସ୍ତ ଲକ୍ଷଣ ରହିଥିଲା। ଆଦିବାସୀ ଶ୍ରମିକଙ୍କୁ ବେଆଇନ ଭାବେ ନିଯୁକ୍ତି, ନାବାଳକଙ୍କୁ କାମରେ ନିୟୋଜିତ କରିବା ଏବଂ ଆଇନଗତ ସୁରକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଇଥିବା ଅଭିଯୋଗ ହୋଇଛି। ରିପୋର୍ଟ ଅନୁସାରେ ବର୍ତ୍ତମାନ ୩ ଜଣ ଆହତ ଶ୍ରମିକ ଚେନ୍ନାଇ ନିକଟସ୍ଥ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ଅନ୍ୟ ଜଣେ ନିଜ ଗାଁକୁ ଫେରିଛନ୍ତି। ତେବେ ଆହତମାନଙ୍କ ପରିବାର ଲୋକଙ୍କୁ ହସ୍ପିଟାଲକୁ ଯିବା ପାଇଁ କୌଣସି ସରକାରୀ ସହାୟତା ମିଳିନଥିବା ସହ ଗାଁକୁ ଫେରିଥିବା ଶ୍ରମିକଙ୍କୁ ଉପଯୁକ୍ତ ଚିକିତ୍ସା, ମାନସିକ ପରାମର୍ଶ ଓ ପୁନର୍ବାସ ସୁବିଧା ଯୋଗାଇ ଦିଆଯାଇନଥିବା ଦଳ ଅଭିଯୋଗ କରିଛି। କ୍ଲାପ ସଭାପତି ଡ଼. ବିକାଶ ଦାସ କହିଛନ୍ତି, ଘଟଣାର ପ୍ରାୟ ଏକ ମାସ ବିତିଥିଲେ ମଧ୍ୟ ମୃତକଙ୍କ ପରିବାର କିମ୍ବା ଆହତମାନଙ୍କୁ କୌଣସି ଆର୍ଥିକ ସହାୟତା କିମ୍ବା କ୍ଷତିପୂରଣ ପ୍ରଦାନ କରାଯାଇନାହିଁ। ଏହା ମାନବ ଚାଲାଣ ରୋକିବା, ଶିଶୁ ଶ୍ରମ ନିୟନ୍ତ୍ରଣ କରିବା ଓ ଦୁର୍ବଳ ଜନଜାତିଙ୍କ ସୁରକ୍ଷା ପ୍ରଦାନ କରିବାରେ ପ୍ରଶାସନିକ ବ୍ୟବସ୍ଥାର ଚରମ ବିଫଳତା ବୋଲି ସେ କହିଛନ୍ତି। ଅନୁସନ୍ଧାନକାରୀ ଦଳରେ କେନ୍ଦୁଝର ଶିଶୁ ଅଧିକାର ସୁରକ୍ଷା ପରିଷଦର ଆବାହକ ଭକ୍ତବତ୍ସଳ ମହାନ୍ତି, କେନ୍ଦୁଝର ଜୁଭେନାଇଲ୍ ଜଷ୍ଟିସ ବୋର୍ଡର ସଦସ୍ୟ ଡ଼. ମାନସ ରଞ୍ଜନ ପଣ୍ଡା, ଆଇନଜୀବୀ ଚନ୍ଦ୍ରଦେବ ପୁରୋହିତ, କ୍ଲାପ୍‌ର 'ଆକ୍ସେସ୍ ଟୁ ଜଷ୍ଟିସ୍' ପ୍ରକଳ୍ପର ନିର୍ଦ୍ଦେଶକ ସନ୍ତୋଷ କୁମାର ପ୍ରଧାନ ଏବଂ ଆଦିବାସୀ ନେତା ପଦ୍ମଚରଣ ନାୟକ ଓ ଗଙ୍ଗାରାମ ମୁଧା ସାମିଲ ଥିଲେ। କ୍ଲାପ ପକ୍ଷରୁ ଓଡ଼ିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯାଇଛି। ଏଥିରେ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ, ଆହତମାନଙ୍କ ଉନ୍ନତ ଚିକିତ୍ସା, ମାନସିକ ପରାମର୍ଶ, ଦୀର୍ଘମିଆଦୀ ପୁନର୍ବାସ, ବେଆଇନ ନିଯୁକ୍ତି ଓ ମାନବ ଚାଲାଣରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀଙ୍କ ଭୂମିକାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରାଯାଇଛି। ଏହି ଘଟଣାକୁ କେବଳ ଏକ କାରଖାନା ଦୁର୍ଘଟଣା ଭାବେ ନଦେଖି ଆଦିବାସୀ ଶିଶୁ ଓ ଅସହାୟ ଶ୍ରମିକଙ୍କ ମାନବ ଚାଲାଣ ଏବଂ ଶୋଷଣର ଏକ ଗୁରୁତର ମାମଲା ଭାବେ ବିଚାର କରି ଉଭୟ ଓଡ଼ିଶା ଓ ତାମିଲନାଡୁ ସରକାର ତୁରନ୍ତ ପଦକ୍ଷେପ ନେବାକୁ କ୍ଲାପ୍ ଆହ୍ୱାନ କରିଛି।

# ଭୁବନ ପଂଚାୟତ ସମିତିର ଦଶମ ଅଧିବେଶନ : ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀଙ୍କ ସମସ୍ୟା ଉପରେ ଗୁରୁତ୍ୱାରୋପ

ଭୁବନ,୩୦/୦୭ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ପଂଚାୟତ ସମିତିର ଦଶମ ସାଧାରଣ ଅଧିବେଶନ ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଶ୍ରୀମତୀ ସିପ୍ରା ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଂସଦ ରୁଦ୍ର ନାରାୟଣ ପାଣିଙ୍କ ପ୍ରତିନିଧି ଭାବେ ବରିଷ୍ଠ ବିଜେପି ନେତା ପ୍ରେମାନନ୍ଦ ଜେନା ମୁଖ୍ୟ ଅତିଥି, କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିର୍ବାଚିତ ପ୍ରତିନିଧିମାନଙ୍କ ସହମତିରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତିରେ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ପୂର୍ବ ବିବରଣୀ ପାଠ କରାଯାଇ ଏହାକୁ ସର୍ବ ସମ୍ମତ କ୍ରମେ ଦୃଢ଼ୀକରଣ କରାଯାଇଥିଲା। ଆଜିର ବୈଠକରେ ଏକ ନୂତନ ସଭାଗୃହ ନିର୍ମାଣ, ଯମୁନାକୋଟ ବିଦ୍ୟାଳୟକୁ ପାନୀୟ ଜଳ ଯୋଗାଣ, ଦିଘୀ ପଂଚାୟତରେ ଷ୍ଟ୍ରିଟ୍ ଲାଇଟ୍ ମରାମତି କରିବା ସହିତ ଆଲୋକୀକରଣ, ଅଙ୍ଗନୱାଡ଼ି କେନ୍ଦ୍ରକୁ ବିଦ୍ୟୁତ୍ ସଂଯୋଗ, ପ୍ରତ୍ୟେକ ପଂଚାୟତରେ ଜଳ ଯୋଗାଣ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ କରାଯିବାକୁ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପାଇଥିବା ଓ ସର୍ଭେରେ ବାଦ୍ ପଡ଼ିଥିବା ହିତାଧିକାରୀମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ସଠିକ୍ ତଥାଯୋଗ୍ୟ ହିତାଧିକାରୀ ଚୟନ କରି ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଂଟନ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଏହି ବୈଠକରେ ଉପାଧ୍ୟକ୍ଷା ସରୋଜିନୀ ଦ୍ୱିବେଦୀ, ଜିଲ୍ଲା ପରିଷଦ ସଭ୍ୟ ଶିଳାରାଣୀ ସାହୁ, ରମେଶ ଚନ୍ଦ୍ର ସାହୁ, ସୁବାସ ମାଝୀଙ୍କ ସମେତ ସମସ୍ତ ସରପଂଚ, ସମିତିସଭ୍ୟ ଯୋଗ ଦେଇଥିଲେ। ବିଡ଼ିଓ ଶ୍ରୀମତୀ ଆୟୁଶୀ ମହାପାତ୍ରଙ୍କ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ବିଡ଼ିଓ ଅଶୋକ କୁମାର ମିଶ୍ର, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ରଞ୍ଜିତ କୁମାର ବେହେରାଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ବନ୍ୟା ସୁଧୁରିଥିଲେ ବି ଅନେକ ଗାଁ ଏବେ ବି ବାହ୍ୟଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ

## ବୋଟ ଯୋଗେ ଅପହଂଚ ଗ୍ରାମଗୁଡିକରେ ପହଂଚି ଘରକୁ ଘର ରନ୍ଧାଖାଦ୍ୟ ବାଂଟିଲେ ବିଧାୟକ ମାନସ କୁମାର ଦତ୍ତ

ବାଲେଶ୍ୱର, ୩୦/୭ (ନି.ପ୍ର): ଲଘୁଚାପ ଜନିତ ଉତ୍ତର ଓଡିଶାରେ ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱରରେ ଦେଖାଦେଇଥିବା ବନ୍ୟା ପରିସ୍ଥିତି ଅନେକାଂଶରେ ସୁଧୁରିଥିଲେ ବି ସଂଖ୍ୟାଧିକ ଗ୍ରାମ ଏବେ ବି ବାହ୍ୟଜଗତରୁ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇରହିଛି । ଚତୁଃପାଶ୍ୱର୍ରେ ରାସ୍ତାଘାଟ ବୁଡିଯିବା କାରଣରୁ ସେଠାକାର ଜନସାଧାରଣଙ୍କ ସହ କୌଣସି ପ୍ରକାର ଯୋଗଯୋଗ ସମ୍ଭବପର ହୋଇନଥିବା ବେଳେ ବୋଟ ଯୋଗେ ସଦର ବିଧାୟକ ମାନସ କୁମାର ଦତ୍ତ ପହଂଚି ବନ୍ୟା ପ୍ରଭାବିତଙ୍କୁ ରିଲିଫ ପ୍ରଦାନ କରଛନ୍ତି । ଓଡ୍ରାଫ ପାୱାର ବୋଟରେ ବିଧାୟକ ଶ୍ରୀ ଦତ୍ତ ପ୍ରଥମେ



କୁରାଡିହା ପଂଚାୟତର ଚାଉଳପୁରା ଓ ପରେ ସମସରପୁର ଗ୍ରାମରେ ପହଂଚି ବନ୍ୟା ପ୍ରଭାବିତ ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ବଂଟନ କରିଛନ୍ତି । ଏହା ସହିତ ବିପଦ ସଙ୍କୁଳ କଚା ଘରେ ବସବାସ କରୁଥିବା ଲୋକଙ୍କୁ ତୁରନ୍ତ ଉଦ୍ଧାର ସହ ନିକଟସ୍ଥ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ପାଇଁ ପଂଚାୟତର ଲୋକ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଛନ୍ତି । ଆଶ୍ରୟସ୍ଥଳୀରେ ଲୋକଙ୍କ ପାଇଁ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ପ୍ରଦାନ ନେଇ ବ୍ୟବସ୍ଥାର ସୁପରିଚାଳନା ଉପରେ ମଧ ବିଧାୟକ ଶ୍ରୀ ଦତ୍ତ ଗୁରୁତ୍ୱାରୋପ କରିଛନ୍ତି । କୁରାଡିହା ପଂଚାୟତରରେ ବନ୍ୟା ପ୍ରଭାବିତ ପ୍ରତ୍ୟେକ ପରିବାରଙ୍କ ସୁରକ୍ଷା, ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି ବୋଲି ବିଧାୟକ ଶ୍ରୀ ଦତ୍ତ ସୂଚନା ଦେଇଛନ୍ତି । ସେହିପରି ଜଳକା ନଦୀ ବନ୍ୟା ଜଳ ଘେରରେ ଥିବା ରସଲପୁର ପଂଚାୟତର ମନୁଡିହା ପାରଭିଲା ଗ୍ରାମରେ ପହଂଚି ସ୍ଥିତି ଅନୁଧ୍ୟାନ ସହ ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ ବିଧାୟକ ଶ୍ରୀ ଦତ୍ତ । ଏହା ସହିତ ବନ୍ୟା ପ୍ରଭାବିତ ଲୋକଙ୍କୁ ଶୁଖିଲା ଖାଦ୍ୟ ବଂଟନ କରିଥିଲେ । ତେବେ ସବୁଠାରୁ ଅଧିକ ବନ୍ୟାପ୍ରବଣ ଅଂଚଳ ରସଲପୁର ପଂଚାୟତର ଗୋବିନ୍ଦପୁର ଗ୍ରାମ ବାହ୍ୟଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇରହିଥିବା ଖବର ପାଇ ବିଧାୟକ ଶ୍ରୀ ଦତ୍ତ ଦେଶୀ ଡଙ୍ଗା ଯୋଗେ ସେଠାରେ ପହଂଚି ଗ୍ରାମର ପ୍ରତ୍ୟେକ ବ୍ୟକ୍ତିଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରିଥିଲେ । ଏହା ସହିତ ସମସ୍ତଙ୍କୁ ମେଡିସିନ ଓ ପାନୀୟ ଜଳ ବଂଟନ କରିଥିଲେ । ପ୍ରତ୍ୟେକ ବନ୍ୟା ପିଡିତଙ୍କ ନିକଟରେ ଆବଶ୍ୟକୀୟ ଖାଦ୍ୟ, ପାନୀୟ ଜଳ ଏବଂ ଅନ୍ୟାନ୍ୟ ରିଲିଫ ସହାୟତା ପହଂଚାଇବା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି ବୋଲି ବିଧାୟକ ଶ୍ରୀ ଦତ୍ତସୂଚନା ଦେଇଛନ୍ତି । ପରେ ଶ୍ରୀରାମପୁର ପଂଚାୟତର କାଡୁଲଡିହା ସମେ ଅନ୍ୟାନ୍ୟ ଗ୍ରାମ ପରିଦର୍ଶନ ସହ ବିଧାୟକ ବନ୍ୟା ପ୍ରଭାବିତ ପରିବାରଙ୍କୁ ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ବଂଟନ କରିଥିଲେ ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଦ୍ୱାରା ଉନ୍ନତ ଭାରତ ଅଭିଯାନର ସଚେତନତା ଓ ସମ୍ବେଦୀକରଣ କାର୍ଯ୍ୟକ୍ରମ

ବାରିପଦା, ୩୦/୭ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଦୂର ଓ ଅନଲାଇନ୍ ଶିକ୍ଷା କେନ୍ଦ୍ର (ସିଡିଓଇ) ପକ୍ଷରୁ, ଉନ୍ନତ ଭାରତ ଅଭିଯାନର ଅଂଶଗ୍ରହଣକାରୀ ଅନୁଷ୍ଠାନ ଭାବେ ପି.ଏମ୍.-ଉଷା ପ୍ରାୟୋଜିତ "ଧାରଣକ୍ଷମ ଗ୍ରାମ ବିକାଶର ପଥ" ଶୀର୍ଷକ ସଚେତନତା ଓ ସମ୍ବେଦୀକରଣ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର ୧୦୦୦ ଆସନ ବିଶିଷ୍ଟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଅଧ୍ୟକ୍ଷତା କରି ନିଜ ବକ୍ତବ୍ୟରେ ଜାତୀୟ ଶିକ୍ଷା ନୀତି–୨୦୨୦ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକୁ ସମାଜ ସହିତ ଅଧିକ ସଂଯୁକ୍ତ ହେବାକୁ ଆହ୍ୱାନ କରେ ଏବଂ ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ତା'ର ଶିକ୍ଷା, ଗବେଷଣା ଓ ସମ୍ପ୍ରସାରଣ କାର୍ଯ୍ୟକ୍ରମ ମାଧ୍ୟମରେ ପୋଷ୍ୟ ଗ୍ରାମଗୁଡ଼ିକର ଧାରଣକ୍ଷମ ଓ ଅନ୍ତର୍ଭୁକ୍ତିମୂଳକ ବିକାଶ ପାଇଁ ସଦା ପ୍ରତିବଦ୍ଧ ବୋଲି କହିଥିଲେ । ସେ ଆହୁରି କହିଥିଲେ ଯେ



ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ ବିଭାଗ ଗ୍ରାମ ବିକାଶ ସହ ଜଡ଼ିତ ପ୍ରକଳ୍ପ, ଗବେଷଣା ଓ କ୍ଷେତ୍ରଭିତ୍ତିକ କାର୍ଯ୍ୟକ୍ରମ ଗ୍ରହଣ କରିବା ଆବଶ୍ୟକ । ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ଉନ୍ନତ ଭାରତ ଅଭିଯାନର ସଂଯୋଜକ ପ୍ରଫେସର ସୁକାନ୍ତ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ବିଶ୍ୱବିଦ୍ୟାଳୟର ପୋଷ୍ୟ ପାଞ୍ଚଟି ଗ୍ରାମ — ବୁଢ଼ିଖମାରୀ, ବାଲିପାଳ, ହଦହଦି, ନଦୀଗାଁ ଓ ଶଙ୍ଖଭଙ୍ଗାର ସର୍ବାଙ୍ଗୀଣ ବିକାଶ ପାଇଁ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ସକ୍ରିୟ ସହଯୋଗ କରିବ ବୋଲି ମତବ୍ୟକ୍ତ କରିଥିଲେ । ସହ-ସଂଯୋଜକ ଡ଼. ସୁଜୟ କୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ ଯେ, ଏହି ୫ଟି ଗାଁର ମୋଟ ଜନସଂଖ୍ୟା ପ୍ରାୟ ୨,୬୭୪ । ସମସ୍ତ ଗାଁରେ ଆଦିବାସୀ ଜନସଂଖ୍ୟା ଅଧିକାଂଶ ଅଟେ । ମହିଳା ସାକ୍ଷରତା ହାର ତୁଳନାତ୍ମକ ଭାବେ ନିମ୍ନ ରହିଛି। ବିଶେଷକରି ନଦୀଗାଁରେ ସାକ୍ଷରତା ହାର ମାତ୍ର ୩୧.୩% ଓ ମହିଳା ସାକ୍ଷରତା ୧୫.୨% ରହିଛି । ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଗାଁଗୁଡ଼ିକରେ ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା, ଜୀବିକା ବିକାଶ, ମହିଳା ସଶକ୍ତିକରଣ, ସ୍ୱଚ୍ଛତା ଓ ପରିମଳ, ଡିଜିଟାଲ୍ ଓ ଆର୍ଥିକ ସାକ୍ଷରତା ଆଦି କ୍ଷେତ୍ରରେ ହସ୍ତକ୍ଷେପ କରିବାକୁ ଯୋଜନା କରାଯାଇଛି । ବୁଢ଼ିଖାମାରୀ ଗାଁରେ ଏକ ପ୍ରାଥମିକ ବିଦ୍ୟାଳୟ ରହିଛି । ବାଲିପାଳରେ ୯୯% ଆଦିବାସୀ ଜନସଂଖ୍ୟା ରହିଛି ଏବଂ ସାକ୍ଷରତା ହାର ୪୪.୫% । ଶଙ୍ଖଭଙ୍ଗା ଗାଁରେ ଦକ୍ଷତା ବିକାଶ ଓ ସ୍ୱାସ୍ଥ୍ୟ ହସ୍ତକ୍ଷେପ ପାଇଁ ଭଲ ସୁଯୋଗ ରହିଛି । ଉନ୍ନତ ଭାରତ ଅଭିଯାନ ମାଧ୍ୟମରେ ଏହି ଗାଁଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ବିଶ୍ୱବିଦ୍ୟାଳୟ ଆଗାମୀ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବ । ଏହି କାର୍ଯ୍ୟକ୍ରମରେ ଏହି ଗ୍ରାମଗୁଡ଼ିକର ପଞ୍ଚାୟତ ନିର୍ବାହୀ ଅଧିକାରୀ, ୱାର୍ଡ଼? ମେମ୍ବର, ନାଏବ ସରପଞ୍ଚ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଗଣ ଯୋଗଦାନ କରି ତାଙ୍କ ଗ୍ରାମର ବିକାଶ କାର୍ଯ୍ୟକ୍ରମ ଗୁଡ଼ିକ କିପରି ହାତକୁ ନିଆଯାଇପାରିବ ସେ ଦିଗରେ ବିଶ୍ୱବିଦ୍ୟାଳୟର ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ସିଡିଓଇର ପ୍ରାୟ ୪୦ ଜଣ ଛାତ୍ରଛାତ୍ରୀଙ୍କୁ ପରିବାର ସର୍ବେକ୍ଷଣର ତାଲିମ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ସିଡିଓଇର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ ।

# ତାଳ ଖାଇବାକୁ ଆସି ତାଣ୍ଡବ ରଚିଲା ବଣୁଆହାତୀ

ନୀଳଗିରି , ୩୦/୭ (ନି.ପ୍ର): କୁଳଡିହା ଜଙ୍ଗଲରୁ ଏକ ହାତୀ ତାଳଖାଇବାକୁ ଆସି ପାହାଡ଼ ପାଦଦେଶରେ ଅବସ୍ଥିତ ଗାଁ ଗୁଡିକରେ ଥିବା ତାଳଗଛ ନିକଟରେ ପଡ଼ିଥିବା ପଚିଲାତାଳ ଖାଉଥିବା ଦେଖିବାକୁ ମିଳିଥିଲା। ଦିନ ପ୍ରାୟ ସାଢ଼େ ସାତଟା ବେଳେ ଏପରି ଦୃଶ୍ୟ ଦେଖିବାକୁ ମିଳିଥିଲା ବେଳେ ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ହୃଷୀକେଶ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଗାର୍ଡ ଜୟଲକ୍ଷ୍ମୀ ପୁହାଣଙ୍କ ସହିତ ସବୁଜବାହିନୀ ଜୟନ୍ତ ସେଠୀ, ମହେଶ୍ୱର ବେହେରା, କ୍ଷୀତିଶ ପରିଡା, ସ୍ଥାନୀୟଯୁବକ ମନୋରଞ୍ଜନ ଦାସଙ୍କ ସହ ଗ୍ରାମବାସୀ ହାତୀଟିକୁ ଖେଦିବାକୁ ଚେଷ୍ଟା କରିଥିଲେ। ମାତ୍ର ଯିବାରାସ୍ତାରେ କିଛି ଦେଖଣାହାରୀ ହାତୀଟିକୁ ବିରକ୍ତ କରିବାରୁ ହାତୀଟି ପଞ୍ଚଲିଙ୍ଗେଶ୍ୱର ମନ୍ଦିର ଆଡ଼କୁ ଯାଇଥିଲା। ଯିବା ବାଟରେ ଗୁରୁଶକ୍ତି ହୋଟେଲ ସାମ୍ନାରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଭାଙ୍ଗିଦେବା ଫଳରେ ନିକଟରେ ଥିବା ଏକ ଚାରିଚକିଆ ଯାନର ବର୍ଣେଟ ଉପରେ ପଡ଼ିବାରୁ ବର୍ଣେଟଟି ଭାଙ୍ଗିଯାଇଥିଲା। ପରେ ହାତୀଟି ବସନ୍ତ ପାତ୍ର ଓ ମହେଶ୍ୱର ବେହେରାଙ୍କ ଦୋକାନ ଭିତରେ ପଶି ଜିନିଷପତ୍ର ଭଙ୍ଗାରୁଜା କରିଥିବା ଦେଖିବାକୁ ମିଳିଥିଲା। ପରେ ହାତୀଟି ଜଙ୍ଗଲ ଭିତରକୁ ପଳାଇ ଯାଇଥିଲେ ହେଁ ଦୀର୍ଘ ୧ଘଣ୍ଟା ଧରି ତାଣ୍ଡବ ରଚିଥିବା ଜଣାଯାଇଛି।

# ପବିତ୍ର 'ଗୁରୁ ପୂର୍ଣ୍ଣିମା' ଅବସରରେ ପାଲିଙ୍କି ଯାତ୍ରା

ବାରିପଦା , ୩୦/୭ (ନି.ପ୍ର): ସ୍ଥାନୀୟ ବାଘଡାରୋଡ ସ୍ଥିତ ଶିରିଡି ସାଇ ପରିବାର ତରଫରୁ ପବିତ୍ର 'ଗୁରୁ ପୂର୍ଣ୍ଣିମା' ଅବସରରେ ପାଲିଙ୍କି ଯାତ୍ରା ଅନୁଷ୍ଠିତ ହୋଇଯାଇଛି ଓ ସକାଳେ ସାଇ ବାବାଙ୍କ ଆରତୀ ପୂଜା ଅର୍ଚ୍ଚନା ପରେ ବାବାଙ୍କ ୧୦୮ ନାମ ଜପ ସହିତ 'ଶ୍ରୀଗୁରୁ ଭାଗବତ ସମୂହ ଗାନ କରାଯାଇଥିଲା ଓ ସନ୍ଧ୍ୟାରେ ଶହ ଶହ ଭକ୍ତଙ୍କ ଗହଣରେ ବାବାଙ୍କ ପାଲିଙ୍କି ଯାତ୍ରା ବାହାରି ବାଘଡାରୋଦ ମୁଖ୍ୟ ରାସ୍ତା ଦେଇ ବସଷ୍ଟାଣ୍ଡ, କଚେରୀ ବଜାର, ଏମ କେ ସି ହାଇସ୍କୁଲ, ବାଣ୍ଟିଆ ଜଗନ୍ନାଥ ମନ୍ଦିର, ଜୁବୁଲି ଲାଇବ୍ରେରୀ, କାଳୀ ମନ୍ଦିର ସାହି ଅତିକ୍ରମ କରି ମୂଳ ଆସ୍ଥାନକୁ ଫେରିଆସିଥିଲା ଓ ସମସ୍ତଙ୍କୁ ସାଇ ପରିବାର ତରଫରୁ ପ୍ରସାଦ ବଣ୍ଟନ କରାଯାଥିଲା ଓ ଶିରିଡି ପରିବାରର ମୁଖ୍ୟ ଉଦ୍ୟୋକ୍ତା ଡାକ୍ତର ରାଧାକୃଷ୍ଣ ବିଶ୍ୱାଳ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପନ୍ନ କରିଥିବା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

# ବନ୍ୟା ଜଳରେ ଭାସି ଜଣଙ୍କର ମୃତ୍ୟୁ: ପ୍ରାକ୍ତନ ବିଧାୟକ ରଣେଶ୍ୱର ପାତ୍ର ଏବଂ ଗ୍ରାମବାସୀଙ୍କ ସହଯୋଗରେ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ପଠାଗଲା

ବୈଶିଙ୍ଗା , ୩୦/୭ (ନି.ପ୍ର): ବୁଢାବଳଙ୍ଗ ନଦୀର ବନ୍ୟା ଜଳରେ ବୁଧବାର ଦିନ ଭାଷି ଯାଇ ମୃତ୍ୟୁବରଣ କରିଥିବା ଶ୍ରୀରାମପୁର ଗ୍ରାମର ଚୌଧୁରୀ ବେହେରା (୬୨) ଙ୍କର ମୃତ ଦେହ ଆଜି ଗୁରୁବାର ମଧ୍ୟାହ୍ନରେ ପାଳପାଟଣା ତଳ ସାହି ନିକଟ ରେ ଉଦ୍ଧାର କରାଯାଉଛି । ଘଟଣାରୁ ପ୍ରକାଶ ରେମୁଣା ବ୍ଲକ ଅଧିନ ଶ୍ରୀରାମ ପୁର ଗ୍ରାମର ଚୌଧୁରୀ ବେହେରା ମୟୂରଭଞ୍ଜ ସୀମାନ୍ତ ଗ୍ରାମ ପାଳପାଟଣା



ଗ୍ରାମକୁ ସଉଦା କଣିବାକୁ ଆସି ଘରକୁ ଫେରୁଥିବା କେତେ ଜଳ ସ୍ରୋତରେ ପଡି ଭାସି ଯାଇଥିଲେ । ଘର ଲୋକେ ବହୁତ ଖୋଜା ଖୋଜି କରିବା ପରେ ପାଇନଥିଲେ । ଆଜି ମଧ୍ୟାହ୍ନରେ ପାଳପାଟଣା ଗ୍ରାମବାସୀ ଏକ ଶବ ଭାସୁ ଥିବାର ଦେଖି ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କୁ ଖବର ଦେଇଥିଲେ । ସେ ବଡ଼ସାହି ଅଗ୍ନିଶମ ବାହିନୀ, ତହସିଲଦାର ବିଶ୍ୱନାଥ ବିଶ୍ୱାଳ ଏବଂ ବିଡିଓ ବନଜା ଦାସଙ୍କୁ ଖବର ଦେଇଥିଲେ । ଖବର ପାଇ ଘଟଣାସ୍ଥଳରେ ସମସ୍ତେ ପହଞ୍ଚି ମୃତ ଶରୀରକୁ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଏଥିସହିତ ମୃତକ ଙ୍କ ଘର ବାଲେଶ୍ୱର ଜିଲ୍ଲାରେ ହୋଇଥିବାରୁ ବାଲେଶ୍ୱର ଜିଲ୍ଲାପାଳ ଙ୍କୁ ଫୋନ ଯୋଗେ ଜଣାଇ ଥିଲେ । ପରିବାର ଲୋକେ ପାଳପାଟଣା ଗ୍ରାମବାସୀଙ୍କ ଏଭଳି ମହତ କାର୍ଯ୍ୟ ପାଇଁ ଧନ୍ୟବାଦ ଜଣାଇଥିଲେ ।

# ନିଟ-ୟୁଜି ପରୀକ୍ଷାରେ ୬୨୮ ନମ୍ବର ରଖି ପ୍ରଜ୍ଞା ପରମିତା ସାହୁଙ୍କ ସଫଳତା: ବାସଭବନରେ ସମାଜସେବୀଙ୍କ ଦ୍ୱାରା ସମ୍ବର୍ଦ୍ଧନା

ବସ୍ତା , ୩୦/୭ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ସୁନ୍ଦରକୋଲି ଗ୍ରାମର ସଞ୍ଜୀବ କୁମାର ସାହୁ ଓ ସୁଚେତା ସାହୁଙ୍କ ସୁକନ୍ୟା ପ୍ରଜ୍ଞା ପରମିତା ସାହୁ ଚଳିତ ବର୍ଷର ନିଟ-ୟୁଜି ପ୍ରବେଶିକା ପରୀକ୍ଷାରେ ୬୨୮ ନମ୍ବର ରଖି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏହି ଗୌରବମୟ ସଫଳତା ଅବସରରେ ପରିବେଶବିତ ତଥା ସମାଜସେବୀ ସୁମନ୍ତ କୁମାର ଜେନା ଓ 'ସମୟର ଚକ୍ର'ର ସମ୍ପାଦକ ସର୍ବେଶ୍ୱର ଜେନ ତାଙ୍କ ବାସଭବନରେ ଯାଇ ଉତ୍ତରୀୟ ପୁଷ୍ପ ଗୁଚ୍ଛ ମାନପତ୍ର ପ୍ରଦାନ କରି ପ୍ରଜ୍ଞାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପ୍ରଜ୍ଞା ପରମିତାଙ୍କ ଏହି ସଫଳତା କେବଳ ତାଙ୍କ ପରିବାର ପାଇଁ ନୁହେଁ, ସମଗ୍ର ସୁନ୍ଦରକୋଲି ଗ୍ରାମ, ବସ୍ତା ଅଞ୍ଚଳ ଓ ବାଲେଶ୍ୱର ଜିଲ୍ଲା



ପାଇଁ ଗର୍ବର ବିଷୟ। ତାଙ୍କ କଠିନ ପରିଶ୍ରମ, ନିଷ୍ଠା ଓ ଅଦମ୍ୟ ଇଚ୍ଛାଶକ୍ତି ଏହି ସଫଳତାର ମୂଳ ଆଧାର ବୋଲି ଉପସ୍ଥିତ ବ୍ୟକ୍ତିମାନେ ମତ ପ୍ରକାଶ କରିଥିଲେ ।ଏହି ଅବସରରେ ପ୍ରଜ୍ଞାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯିବା ସହ ସେ ଜଣେ ସଫଳ ଚିକିତ୍ସକ ହୋଇ ଦେଶ ଓ ସମାଜର ସେବା କରନ୍ତୁ ବୋଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲା। ସମଗ୍ର ଅଞ୍ଚଳବାସୀ ପ୍ରଜ୍ଞା ପରମିତାଙ୍କ ଏହି ସଫଳତାରେ ଆନନ୍ଦ ପ୍ରକାଶ କରି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମହାନଦୀରେ ଚଳିତ ବର୍ଷର ...

ଏଥିସହ ଆଶ୍ୱସ୍ତ କରିଛନ୍ତି ଯେ, ଚାଷୀମାନେ ବିଚଳିତ ହୁଅନ୍ତୁ ନାହିଁ । ରାଜ୍ୟ ସରକାର ପର୍ଯ୍ୟାପ୍ତ ସହଯୋଗ କରିବେ । କ୍ଷୟକ୍ଷତି ଆକଳନ ପାଇଁ ଆସନ୍ତାକାଲି ହେବ ଗୁରୁତ୍ୱପୂର୍ଣ ବୈଠକ । ୨୦ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ସ୍ୱତନ୍ତ୍ର ବୈଠକ ହେବ । ବନ୍ୟା ଛାଡ଼ିବା ପରେ ୭୨ ଘଣ୍ଟା ଭିତରେ କ୍ଷୟକ୍ଷତି ରିପୋର୍ଟ ଦେବେ ଜିଲ୍ଲାପାଳ । ୩ ଦିନ ଭିତରେ ରିପୋର୍ଟ ପାଇବା ପରେ ଚତୁର୍ଥ ଦିନ ଲୋକଙ୍କ ପାଖକୁ ଯିବ କ୍ଷତି ପୂରଣ ଟଙ୍କା । ସେପଟେ ସୂଚନା ମିଳିଛି ଯେ, କଟକ ନରାଜ ମୁଣ୍ଡଳୀରେ ୮ ଲକ୍ଷ ୬୫ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଥିବା ବେଳେ, ଏହା ୮ ଲକ୍ଷ ୭୩ ହଜାର କ୍ୟୁସେକକୁ ବଢ଼ିଛି । ଦୁଇ ଘଣ୍ଟା ଧରି ଜଳସ୍ତର ବଢ଼ିନାହିଁ । ମୁଣ୍ଡଳୀରେ ୧୨ ଲକ୍ଷ କ୍ୟୁସେକ ପାଣି ପ୍ରବାହ କ୍ଷମତା ରହିଛି ।

### ମହାନଦୀରେ ଚଳିତ ବର୍ଷର...

ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଏବଂ ସ୍ୱତନ୍ତ୍ର ସହାୟତା ଆୟୁକ୍ତ ରାଜେଶ ପ୍ରଭାକର ପାଟିଲ୍ ମଧ ଉପସ୍ଥିତ ଥିଲେ । ବନ୍ୟା ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟ ଏବଂ ସହାୟତା ପ୍ରଦାନ ନେଇ ମନ୍ତ୍ରୀ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ବନ୍ୟାଞ୍ଚଳ ଗସ୍ତ ପୂର୍ବରୁ ଆଜି ପୂର୍ବାହ୍ନରେ ଲୋକସେବା ଭବନଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ଶ୍ରୀ ପୂଜାରୀ ସମସ୍ତ ପ୍ରଭାବିତ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ଭିଡିଓ କନଫରେନ୍ସିଂ ଜରିଆରେ ବର୍ଷା ଏବଂ ବନ୍ୟା ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ । କ୍ଷତିଗ୍ରସ୍ତ ଲୋକଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବା ଏବଂ ସତର୍କ ରହିବାକୁ ସେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାର ବନ୍ୟା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ଏବଂ ବିପର୍ଯ୍ୟୟ ପରିଚାଳନା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

### ପ୍ରବଳ ହଟ୍ଟଗୋଳ ମଧ୍ୟରେ...

ଖଡ଼ଗେ ସାର୍ବଜନୀନ ପରୀକ୍ଷା (ଅସାଧୁ ମାଧ୍ୟମ ନିବାରଣ) ସଂଶୋଧନ ବିଲ୍ ୨୦୨୬ ନେଇ ରାଜ୍ୟସଭାରେ ବିତର୍କବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଅନୁପସ୍ଥିତିକୁ ନେଇ ପ୍ରଶ୍ନ ଉଠାଇଥିଲେ । ଖଡ଼ଗେ କହିଛନ୍ତି, ସରକାର କେବଳ କ୍ଷମତା ହରାଇବା ଭୟରେ ଛାତ୍ରମାନଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇ ଥିଲେ। ସରକାର ଜୁଲାଇ ୨୦ ତାରିଖ ଘଟଣା ଉପରେ ସଂସଦକୁ ସତ କଥା କହିବା କଥା ବୋଲି ଖଡ଼ଗେ କହିଛନ୍ତି। ଜୁଲାଇ ୨୦ ତାରିଖରେ 'ସଂସଦ ଚଲୋ' ଅଭିଯାନ ବେଳେ ଛାତ୍ରମାନଙ୍କ ଉପରେ ହୋଇଥିବା ବର୍ବରତା ପାଇଁ ଖଡ଼ଗେ ଅମିତ ଶାହଙ୍କୁ ଦାୟୀ କରିଛନ୍ତି। ଛାତ୍ରମାନଙ୍କ ଉପରେ ପେଲେଟ୍ ଗନ୍ ବ୍ୟବହାର କରିବା ପାଇଁ ଅମିତ ଶାହ ଦାୟୀ, ସେ ବନ୍ଦ ଦ୍ୱାର ପଛରେ ଲୁଚି ପାରିବେ ନାହିଁ ବୋଲି କଂଗ୍ରେସ ଅଧ୍ୟକ୍ଷ କହିଥିଲେ। ଖଡ଼ଗେଙ୍କ ମନ୍ତବ୍ୟକୁ ନେଇ ଟ୍ରେଜେରୀ ବେଞ୍ଚ ପକ୍ଷରୁ ପ୍ରବଳ ହୋହଲ୍ଲା ହୋଇଥିଲା।

### ଆମ୍ବୁଲାନ୍ସ ଅଭାବରୁ ୨ ...

ଇଞ୍ଜେକ୍ସନ ଓ ସାଲାଇନ ଲଗାଇବା ପରେ ତାଙ୍କୁ ଘର ଅଣାଯାଇଥିଲା। ଘରେ ସ୍ୱାସ୍ଥ୍ୟାବସ୍ଥା ଆହୁରି ବିଗିଡ଼ି ଯାଇଥିଲା। କଫ ଓ ରକ୍ତ ମିଶା ବାନ୍ତି କରିଥିଲେ। ସଂଧ୍ୟା ୫ଟାରୁ ୧୦୮କୁ ବାରମ୍ବାର କଲ୍ ସତ୍ତ୍ୱେ ଆମ୍ବୁଲାନ୍ସ ଉପଲବ୍ଧ ହୋଇନଥିଲା ବୋଲି ମଙ୍ଗଳ କ୍ଷୋଭ ପ୍ରକାଶ କରିଛନ୍ତି। ଶେଷରେ ବର୍ଷା ସତ୍ତ୍ୱେ ଗାଁ ପାଖରୁ ଏକ ଭଡ଼ାଗାଡ଼ିରେ ରାତି ୯ଟାରେ ଲିପୁନଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାଳିଆପାଣି ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତକରି ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ୧୬/୨୬ ରୁଜୁକରି ତଦନ୍ତ କରୁଥିବା ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କ ଠାରୁ ସୂଚନା ମିଳିଛି। ସେହିପରି ସେହି ଝରଣାସାହିର ଦିନ ମଜୁରିଆ ଅର୍ଜୁନ ବିରୁଆଙ୍କ ପତ୍ନୀ ଗୁରୁବାରୀ ଗତକାଲି ଗାଁର ମାଳତି ମୁଣ୍ଡାଙ୍କ ଜମିରେ ରୁଆପୋତା କାମ କରିଥିଲେ। ସଂଧ୍ୟାରେ ଘରକୁ ଫେରିଥିଲେ। ରାତି ୮ଟାରେ ଖାଇସାରି ଶୋଇ ପଡ଼ିଥିଲେ। ରାତି ୧୦ଟା ବେଳକୁ ଗୁରୁବାରୀ ହଠାତ୍ ଶେଯରୁ ଉଠି ବାନ୍ତି କରିଥିଲେ। ହାତରେ ଟଙ୍କାଟିଏ ବି ନଥିବାରୁ ପତ୍ନୀଙ୍କୁ ମେଡିକାଲ ପଠାଇବା ସମ୍ଭବ ହୋଇନଥିଲା ବୋଲି ଅର୍ଜୁନ କହନ୍ତି। ତେବେ ସାମାନ୍ୟ ସେବା କରିବା ପରେ ଗୁରୁବାରୀ ପୁଣି ଶୋଇପଡ଼ିଥିଲେ। ହେଲେ ଆଜି ସକାଳ ଆଉ ଉଠି ନଥିଲେ। ବିଳମ୍ବିତ ରାତି ଘଣ୍ଟାକ ମଧ୍ୟରେ ୩ ଅକାଳ ମୃତ୍ୟୁଙ୍କୁ ନେଇ ସମିତିସଭ୍ୟ ତଥା ଝରଣାସାହି ବାସିନ୍ଦା ସମ୍ବରା ମୁଣ୍ଡା ଓ ସରପଞ୍ଚ ସଞ୍ଜୟ କୁମାର ପରିଡ଼ା ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏସବୁ ଘଟଣାର ନ୍ୟାୟିକ ତଦନ୍ତ କରି ପ୍ରଶାସନ ପକ୍ଷରୁ ମୃତକମାନଙ୍କ ପରିବାରକୁ କ୍ଷତିପୂରଣ ଓ ଅନୁକମ୍ପାମୂଳକ ସହାୟତା ପାଇଁ ଉଭୟ ଦାବି କରିଛନ୍ତି।

# ନାଗରାପିଟା ନାଳରେ ଦଳ ଭର୍ତ୍ତି: ତହସିଲଦାରଙ୍କୁ ଭେଟିଲେ ଶତାଧିକ ଚାଷୀ

ଭଦ୍ରକ, ୩୦/୭ (ନି.ପ୍ର): ତିହିଡ଼ି ବ୍ଲକ ମୁକୁନ୍ଦପୁର ପଂଚାୟତ ଅଧୀନରେ ଥିବା ନାଗରା ପିଟା ନାଳରେ ଗୁଡୁପାଳ ସ୍କୁଲ ଠାରୁ କାଁପଡା ଆରଡ଼ି ରାସ୍ତା ପର୍ଯ୍ୟନ୍ତ ଦଳ ଭର୍ତି ହୋଇଛି। ଯେଉଁଥିପାଇଁ ପାଣି ତଳକୁ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ପଂଚାୟତର ୨ଟି ରାଜସ୍ୱ ଗ୍ରାମ ଆରସା ଓ ଗୁଡୁପାଳ ରୁଆଧାନ ଓ ତଳି ପାଣିରେ ବୁଡ଼ି ନଷ୍ଟ ହେବାକୁ ଯାଉଛି । ଚାଷୀ ମାନେ ସେବାସମୋବାୟ ସମିତିରୁ ଋଣ ଆଣି ଚାଷ କରିଥିଲେ ।ସେ କିପରି ଛାଡ଼ ହେବ ଚାଷୀ ମାନେ ଅନୁରୋଧ କରିଛନ୍ତି । ଏଥିରେ ଅସନ୍ତୋଷ ପ୍ରକାଶ କରି ବୁଧୁବାର ଆରସା ଓ ଗୁଡୁପାଳ ଗ୍ରାମର ଚାଷୀମାନେ ତିହିଡି ତହସିଲଦାରଙ୍କୁ ଦାବିପତ୍ର ଦେଇଥିଲେ। ଏହାର ସରଜମିନ ତଦନ୍ତ କରି ତୁରନ୍ତ ଦଳ ସଫା କରିବା ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି ଜଣାଇଛନ୍ତି । ସେମାନେ ଦର୍ଶାଇଛନ୍ତି ଯେ, ଅତ୍ୟଧିକ ବର୍ଷା ହେଲେ ପଂଚାୟତର ଗୁଡୁପାଳ, ଆରସା,ଗ୍ରାମର ଜମିର ଅଧିକ ପାଣି ନାଗରାପିଟା ନାଳ ମଧଦେଇ ନଦୀକୁ ନିଷ୍କାସିତ ହୋଇଥାଏ । ଯାହାଫଳରେ ଚାଷୀମାନେ ଧାନଚାଷ କାର୍ଯ୍ୟ ସୁରୁଖୁରୁରେ ଚଳାଇଥାନ୍ତି ।

# ବନ୍ୟାପାଣି ବାସୁଦେବପୁରବାସୀଙ୍କୁ ଦେଇଛି ଗଭୀର ଦୁଃଖ

ବାସୁଦେବପୁର, ୩୦/୭ (ନି.ପ୍ର): ବଙ୍ଗୋପସାଗର ରେ ଲଗାତର ଭାବେ ସୃଷ୍ଟି ହୋଇଛି ଭୟଙ୍କର ଲଘୁଚାପ । ଏହି ଲଘୁ ଚାପ ବର୍ଷା ଫଳରେ ବିଭିନ୍ନ ନଦୀରେ ଆସିଛି ବନ୍ୟା। ବିଶେଷ କରି କାଂଶ ବାଂଶ ନଦୀ ଓ ଗମେଇ ନଦୀରେ ବନ୍ୟା ଜଳ ମାଡ଼ି ଲକ୍ଷ ଲକ୍ଷ ହେକ୍ଟର ଚାଷ ଜମିରେ ଧାନ ତଳି ନଷ୍ଟ ହୋଇ ଯାଇଛି। ଏହି ବନ୍ୟା ଜଳ ପାଇଁ ହଜାର ହଜାର ଜନ ସାଧାରଣ ଅନେକ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏହି ବନ୍ୟା ଜଳ ମାଡ଼ିଯିବା ଫଳରେ ବାସୁଦେବପୁର ବ୍ଲକର ବିଭିନ୍ନ ଅଞ୍ଚଳ,ବରଣ୍ଡୁଆ ଗ୍ରାମ ପଞ୍ଚାୟତ, ସୁଦର୍ଶନପୁର ପଞ୍ଚାୟତ, ନରସିଂହପୁର, ଅରଣ୍ଡୁଆ, ଜଗନ୍ନାଥ ପ୍ରସାଦ ପଞ୍ଚାୟତର ଡାଙ୍ଗମାଳ ଓ ଅନ୍ୟାନ୍ୟ ଗାଁ, ଲୁଂଗା ପଞ୍ଚାୟତର ମହୁଝୁରି, ସାନ କିଆରୀ, ବଡ କିଆରୀ, ରାଜଘରପୋଖରୀ, କିଷ୍ମତ କୃଷ୍ଣପୁର, ଲକ୍ଷ୍ମୀଦାସପୁର ପ୍ରଭୃତି ବିଭିନ୍ନ ଅଞ୍ଚଳର ଚାଷ ଜମି ନଷ୍ଟ ହୋଇ ଯାଇଛି। ଏହି ଅବସରରେ ବନ୍ୟା ପାଣିରୁ ଅନେକ ଲୋକଙ୍କୁ ଉଦ୍ଧାର କରାଯାଇ ସେମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆ ଯାଇଛି। ବିଭିନ୍ନ ବାତ୍ୟା ଆଶ୍ରୟ ସ୍ଥଳୀରେ ଲୋକ ମାନଙ୍କୁ ସୁରକ୍ଷିତ ଭାବେ ରଖା ଯାଇଛି। ଏହି ବନ୍ୟା ପାଣି ସମୟରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ



ଅଶୋକ କୁମାର ଦାସ, ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ,ବାସୁଦେବପୁର ବ୍ଲକ ବିଡ଼ିଓ ତନ୍ମିତା କର, ତହସିଲଦାର ପ୍ରିୟବ୍ରତ ଦାସ,ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ପୌର ପାଳିକା ଅଧ୍ୟକ୍ଷା ନିବେଦିତା ବେହେରା, କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ଥାନା ଅଧିକାରୀ ନିରଜ ସାମଲ,ବାସୁଦେବପୁର ଭାରତୀୟ ଜନତା ପାର୍ଟିର ନେତା ବାଣୀ କଲ୍ୟାଣ ମହାନ୍ତି, ବିଜେପିର ପୂର୍ବତନ ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ, ଦମକଳ ବାହିନି, ମେଡିକାଲ ଟିମ୍, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ବିଭିନ୍ନ ଅଞ୍ଚଳ ବୁଲି ଲୋକ ମାନଙ୍କ ଦୁଃଖ ଓ ସମସ୍ୟା ବୁଝିଛନ୍ତି ଓ ସାହାଯ୍ୟ ସହଯୋଗ ଯୋଗାଇ ଦେଇଛନ୍ତି। ଏହି ବନ୍ୟା ପାଣି ଆଣି ଦେଇଛି ବାସୁଦେବପୁରବାସୀଙ୍କୁ ଗଭୀର ଦୁଃଖ। ଚାଷୀ ମାନଙ୍କ ର ଯେଉଁ କ୍ଷତି ହୋଇଛି ତାକୁ ଆଗାମୀ ଦିନରେ ପୂରଣ କରିବା ପାଇଁ ସରକାରୀ ସ୍ତରରେ ଉଦ୍ୟମ କରାଗଲେ ଚାଷୀ ଉପକୃତ ହୋଇ ପାରିବେ ବୋଲି ତାଙ୍କର ମତ ପ୍ରକାଶ କରିଛନ୍ତି। ଏ କ୍ଷେତ୍ରରେ ବ୍ଲକ୍ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ତୁରନ୍ତ ଉଚିତ ପଦକ୍ଷେପ ନେବେ ବୋଲି ଜନ ସାଧାରଣ ଦାବି କରିଛନ୍ତି ।

# ମହର୍ଷି ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲରେ ଗୁରୁ ପୂର୍ଣ୍ଣିମା ପାଳିତ

ବାରିପଦା, ୩୦/୭ (ନି.ପ୍ର): ମହାରାଜପୁରସ୍ଥିତ ମହର୍ଷି ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲ ପରିସରରେ ପବିତ୍ର ଗୁରୁ ପୂର୍ଣ୍ଣିମା ଉତ୍ସବ ଭକ୍ତି ଓ ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତାପସୀ ମଡୁଆଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଗୁରୁ ହେଉଛନ୍ତି ଜଣେ ବ୍ୟକ୍ତିର ଜୀବନର ପ୍ରକୃତ ପଥପ୍ରଦର୍ଶକ। ଗୁରୁଙ୍କ ଆଦର୍ଶ ଓ ମୂଲ୍ୟବୋଧକୁ ଅନୁସରଣ କରି ଛାତ୍ରଛାତ୍ରୀମାନେ ଜୀବନରେ ସଫଳତା ହାସଲ କରିପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ-ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ପତି, ସସ୍ମିତ ସାହୁ, ରଶ୍ମିତା ରାଉତ, ମାମାଲିଶା ଟୁଡୁ, ସନ୍ତୋଷିନୀ ବାରିକ, ନୈଶ୍ୱର୍ଗୀକା ଲେଙ୍କା, ମାନି ଦଳାଇ, ଦେବବ୍ରତ ସ୍ୱାଇଁ ଓ ଫୁଲମଣୀ ମାର୍ଣ୍ଡି ପ୍ରମୁଖ ଗୁରୁ-ଶିଷ୍ୟ ପରମ୍ପରାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାଷଣ, ଚିତ୍ରାଙ୍କନ, ସଙ୍ଗୀତ ଓ ଅନ୍ୟାନ୍ୟ ସୃଜନଶୀଳ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହ କାର୍ଯ୍ୟକ୍ରମଟି ଉତ୍ସାହ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସଫଳତାର ସହ ସମାପ୍ତ ହୋଇଥିଲା। ସ୍ମୃତିରଞ୍ଜନ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।



# ବ୍ୟାସ ପୂର୍ଣ୍ଣିମା ଅବସରରେ ଉଦଳାରେ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ




ଉଦଳା , ୩୦/୭ (ନି.ପ୍ର): ଆଂଚଳିକ ଗୁରୁପୂଜନ କମିଟି, ଉଦଳା ଆନୁକୁଲ୍ୟରେ ପ୍ରତିବର୍ଷ ପରି ଚଳିତ ଜୁଲାଇ ୨୯ ତାରିଖ ବୁଧବାର ଦିନ ବ୍ୟାସ ପୂର୍ଣ୍ଣିମା ଅବସରରେ ସ୍ଥାନୀୟ ସନ୍ଧାନଗୃହ ପରିସରରେ ଆନନ୍ଦ ଉଲ୍ଲାସ ମଧ୍ୟରେ ଗୁରୁପୂଜନ ଉତ୍ସବ ପାଳିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । ଗୁରୁପୂଜନ କମିଟିର ସଭାପତି ଆଇନଜୀବି ବସନ୍ତ କୁମାର ପରିଡ଼ା ଉତ୍ସବରେ ଅଧ୍ୟକ୍ଷତା କରି ପୁର୍ବତନ ମନ୍ତ୍ରୀ ଗୋଲକ ନାଏକ ଉଦଳାର ବିଧାୟକ ଥିବା ସମୟରେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରି ମାନଙ୍କୁ ଏକତ୍ରିତ କରି ଏହି ଉତ୍ସବ କିପରି ଆରମ୍ଭ କରିଥିଲେ ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ପୁର୍ବତନ ବିଧାୟକ ଶ୍ରୀନାଥ ସୋରେନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ଏହାକୁ ବଂଚାଇ ରଖିବା ପାଇଁ ଗୁରୁପୂଜନ କମିଟିର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଆଲୋଚକ ଭାବରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଉପନଗରପାଳ ଲିଲି ଭୋଳ, ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼.ଦିଲିପ କୁମାର ଦୀକ୍ଷିତ ଓ ପୁର୍ବତନ ମନ୍ତ୍ରୀ ସ୍ୱର୍ଗତଃ ଗୋଲକ ନାଏକଙ୍କ ସହଧର୍ମିଣୀ ଜିଲ୍ଲାପରିଷଦ ସଦସ୍ୟା ସୁବାସିନି ନାଏକ ପ୍ରମୁଖ ଯୋଗଦେଇ ଭଗବାନ ବ୍ୟାସ କିପରି ଚାରିବେଦକୁ ରଚନା କରିଥିଲେ, ଯେଉଁଥିରେ ଭାରତର ବିଜ୍ଞାନ ଓ ଦର୍ଶନ ସବୁକିଛି ଲିପିବଦ୍ଧ ହୋଇଛି ବୋଲି ବ୍ୟକ୍ତ କରିଥିଲେ । ଏହାପରେ ଅବସର ପ୍ରାପ୍ତ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରିଙ୍କୁ ଆଂଚଳିକ ଗୁରୁପୂଜନ କମିଟି ତରଫରୁ ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଅମୀୟ ବଳ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଭୋଳାନାଥ ଜେନା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଜନ ନାୟକ, ସନ୍ତୋଷ ବାଛିନି, କୃଷ୍ଣ ଚୈତନ୍ୟ ସଦୁଆଳ, ବନମାଳି ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ସୁବର୍ଣ୍ଣରେଖାରେ ଚଳିତ ବର୍ଷର ପ୍ରଥମ ବନ୍ୟା



ବାଲିଆପାଳ , ୩୦/୭ (ନି.ପ୍ର): ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷ ପ୍ରଥମ ବନ୍ୟା ଆସିଛି । ନଦୀରେ ଜଳପଉନ ବୃଦ୍ଧି ପାଇ କୂଳ ଲଂଘି ବାଲିଆପାଳ ବ୍ଲକର ଗାଁ ଗଣ୍ଡାରେ ପ୍ରବେଶ କରିବା ଆରମ୍ଭ କରିଛି। ଉପର ମୁଣ୍ଡରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ସୁବର୍ଣ୍ଣରେଖା ନଦୀରେ ଆସିଛି ପ୍ରଥମ ବନ୍ୟା । ସୁବର୍ଣ୍ଣରେଖା ନଦୀର ଜଳ ପଉନ ରାଜଘାଟ ଠାରେ ଏହାର ବିପଦ ସଂକେତ ୧୦.୩୬ ମିଟର ଥିବାବେଳେ ସତର୍କ ସଙ୍କେତ ୯.୪୫ ମିଟର ରହିଛି। ତେବେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସୁବର୍ଣ୍ଣରେଖାର ଜଳସ୍ତର ୮.୫୨ ମିଟରରେ ପ୍ରବାହିତ ହେଉଛି। ଜଳସ୍ତର ବିପଦ ସଂକେତର ଯଥେଷ୍ଟ ତଳେ ରହିଥିବା ଯୋଗୁଁ ଜନସାଧାରଣ ଭୟଭୀତ ନ ହେବା ପାଇଁ ପ୍ରସାଶନ ପକ୍ଷରୁ ପରାମର୍ଶ ଦିଆଯାଇଛି।ଗାଲୁଡିହ ବ୍ୟାରେଜର ତିନୋଟି ଗେଟ ଦେଇ ବନ୍ୟାଜଳ ନିଷ୍କାସିତ ହୋଇଥିବା ଜଣାପଡିଛି । ତେବେ ଆଜି ଏହାର ପ୍ରଭାବରେ ତଳ ମୁଣ୍ଡରେ ଥିବା ବାଲିଆପାଳ ବ୍ଲକର ନିଖିରା, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା, ଘଣ୍ଟୁଆ, କୁମ୍ଭାରୀ ପ୍ରଭୃତି ପଂଚାୟତର ତଳିଆ ଅଞ୍ଚଳ ଜଳମଗ୍ନ ହେବାରେ ଲାଗିଛି। ବନ୍ୟା ପାଇଁ ପ୍ରସାଶନ ସମସ୍ତ ପ୍ରକାର ପ୍ରସ୍ତୁତ ଥିବା ବିଡିଓ ରାଧା ରଞ୍ଜନ ଦାଶ କହିଛନ୍ତି।ଖରିଫ ଧାନ ଚାଷ ନଷ୍ଟ ହେବାର ସମ୍ଭାବନା ଥିବା ବେଳେ ଚାଷୀ ଚିନ୍ତାରେ ଅଛନ୍ତି।

## ବାରୋ ଦହପାଣିଆ ସାଇକ୍ଲୋନ୍ ସେଲ୍ଟରରେ ବନ୍ୟା ପୀଡ଼ିତଙ୍କୁ ଖାଦ୍ୟ ବଣ୍ଟନ

ଭଦ୍ରକ, ୩୦/୭ (ନି.ପ୍ର): ଭଦ୍ରକ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ତିହିଡ଼ି ବ୍ଲକ୍‌ର ବାରୋ ଦହପାଣିଆ ସାଇକ୍ଲୋନ୍ ଶେଲ୍ଟରରେ ଆଶ୍ରୟ ନେଇଥିବା ଲୋକମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ଆଶ୍ରୟ ସ୍ଥଳୀରେ ରହୁଥିବା ପ୍ରତ୍ୟେକ ପରିବାରଙ୍କୁ ନିୟମିତ ଭାବେ ଖାଦ୍ୟ ଓ ଆବଶ୍ୟକୀୟ ସହାୟତା ସାମଗ୍ରୀ ଯୋଗାଇ ଦିଆଯାଉଛି। ସେହିପରି ପ୍ରଶାସନ ପକ୍ଷରୁ ଆଶ୍ରିତମାନଙ୍କ ସ୍ୱାସ୍ଥ୍ୟ, ପାନୀୟ ଜଳ, ପରିମଳ ବ୍ୟବସ୍ଥା ଓ ଅନ୍ୟାନ୍ୟ ମୌଳିକ ସୁବିଧା ଉପରେ ନିରନ୍ତର ନଜର ରଖାଯାଉଛି। ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ସମସ୍ତ ପ୍ରକାର ସହାୟତା ପହଞ୍ଚାଇବା ପାଇଁ ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛନ୍ତି।

# ବନ୍ୟାଞ୍ଚଳ ପରିଦର୍ଶନରେ ପୂର୍ବତନ ମନ୍ତ୍ରୀ ଓ ବିଧାୟିକା: ଜଳବନ୍ଦୀଙ୍କୁ ଭେଟି ସମସ୍ୟା ସମାଧାନର ପ୍ରତିଶ୍ରୁତି



ବସ୍ତା , ୩୦/୭ (ନି.ପ୍ର): ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ପଞ୍ଚାୟତରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିର ସମୀକ୍ଷା ପାଇଁ ବସ୍ତା ବିଧାୟିକା ବୁଧବାର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ।କୁଡ଼ିଆ ପଞ୍ଚାୟତର କୁଡ଼ିଆ ଗ୍ରାମର ବିଦ୍ୟୁତ ଅଫିସ ନିକଟରେ ଥିବା ୨୬ ଟି ଜଳବନ୍ଦୀ ପରିବାରଙ୍କୁ ସେ ଭେଟି ସେମା ନଙ୍କ ସମସ୍ୟା ବୁଝିଥିଲେ। ସେହିପରି ଗାନ୍ଧୀଛକରୁ ଜାତୀୟ ରାଜପଥ ପର୍ଯ୍ୟନ୍ତ ଦୀର୍ଘଦିନ ଧରି ରହିଥିବା ଡ୍ରେନେଜ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ତହସିଲଦାର,ଏଡିଏମ ଓ ପିଡବ୍ଲ୍ୟୁଡି ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହାଛଡ଼ା ବାହାର୍ଦା ପଞ୍ଚାୟତର ଚାଷଜମି ଏବଂ ମାଥାନୀ ପଞ୍ଚାୟତର ବାହାର୍ଦା–ମାଥାନୀ ରାସ୍ତା ଉପରେ ପାଣି ପ୍ରବାହିତ ହେଉଥିବା ସ୍ଥାନଗୁଡ଼ିକୁ ମଧ୍ୟ ସେ ପରିଦର୍ଶନ କରିଥିଲେ। ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ ଏବଂ ଡ୍ରେନେଜ୍ ବ୍ୟବସ୍ଥାର ସୁଧାର ପାଇଁ ଚେଷ୍ଟା ଜାରି ରହିବ ବୋଲି ବିଧାୟିକା ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ବିଜେଡି ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ମଧ୍ୟ ମାଥାନୀ, କୁଡ଼ିଆ ଓ ଚକୁରି ପଞ୍ଚାୟତର ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଥିଲେ। ବନ୍ୟା ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରି ବନ୍ୟା ଜନିତ ସମସ୍ୟାର ସମୀକ୍ଷା କରିବା ସହ ବସ୍ତା ଅଞ୍ଚଳବାସୀ ଓ ଚାଷୀ ମାନଙ୍କ ସମସ୍ୟା ପ୍ରତି ରାଜ୍ୟ ସରକାର ଯଥାଶୀଘ୍ର ଦୃଷ୍ଟି ଦେବା ସହିତ ପ୍ରତିକାର ଦିଗରେ ସେ ଦାବି କରିଥିଲେ।

# କେନ୍ଦ୍ର ଆୟୁଷ ରାଜ୍ୟମନ୍ତ୍ରୀଙ୍କୁ ଭେଟି ବାଲେଶ୍ୱରର ବିଭିନ୍ନ ଆୟୁଷ ପ୍ରକଳ୍ପ ପାଇଁ ଦାବିପତ୍ର ପ୍ରଦାନ କଲେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ



ବାଲେଶ୍ୱର, ୩୦/୭ (ନି.ପ୍ର): ନୂଆଦିଲ୍ଲୀରେ କେନ୍ଦ୍ର ଆୟୁଷ ରାଜ୍ୟମନ୍ତ୍ରୀ ଶ୍ରୀ ପ୍ରତାପରାଓ ଯାଧବଙ୍କୁ ସୌଜନ୍ୟ ସାକ୍ଷାତ କରି ବାଲେଶ୍ୱର ଜିଲ୍ଲାର ଦୀର୍ଘଦିନର ବିଭିନ୍ନ ଆୟୁଷ ସମ୍ବନ୍ଧୀୟ ଦାବି ଉପସ୍ଥାପନ କରାଯାଇଛି। ଏହି ଅବସରରେ ରେମୁଣା ବ୍ଲକ ଅନ୍ତର୍ଗତ ଅଚ୍ୟୁତପୁରଠାରେ ପ୍ରସ୍ତାବିତ ୫୦ ଶଯ୍ୟା ବିଶିଷ୍ଟ ଆୟୁଷ ହସ୍ପିଟାଲ ସ୍ଥାପନ ଦାବି ସମ୍ପର୍କରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇ ଶୀଘ୍ର ଅନୁମୋଦନ ଓ କାର୍ଯ୍ୟାନ୍ୱୟନ ପାଇଁ ଅନୁରୋଧ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଉକ୍ତ ହସ୍ପିଟାଲ ପାଇଁ ବାଲେଶ୍ୱର ଜିଲ୍ଲାପାଳଙ୍କ ପକ୍ଷରୁ ଜମି ପୂର୍ବରୁ ଚିହ୍ନଟ କରାଯାଇସାରିଛି। ଏଥିସହିତ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆୟୁର୍ବେଦିକ ଓପିଡି ଆରମ୍ଭ, ବାଲେଶ୍ୱରରେ ସରକାରୀ ଆୟୁର୍ବେଦିକ ମେଡିକାଲ କଲେଜ ସ୍ଥାପନ ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଯୋଗ ଡିପ୍ଲୋମା ପାଠ୍ୟକ୍ରମ ଆରମ୍ଭ କରିବାକୁ ମଧ୍ୟ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଶ୍ରୀ ଯାଧବ ଦାବିଗୁଡ଼ିକୁ ସହାନୁଭୂତିର ସହ ବିଚାର କରି ଜନସ୍ୱାର୍ଥ ଦୃଷ୍ଟିରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶା ପ୍ରକାଶ କରାଯାଇଛି।

## ସାଇବର ଠକେଇର ଶିକାର ହେଲେ କୀର୍ତ୍ତି କୁଲ୍‌ହାରୀ

ମୁମ୍ବାଇ, ୩୦/୭ (ନି.ପ୍ର): ଅଭିନେତ୍ରୀ କୀର୍ତି କୁଲ୍‌ହାରୀ ସାଇବର ଠକେଇର ଶିକାର ହୋଇଛନ୍ତି। ସାଇବର ଅପରାଧୀମାନେ ତାଙ୍କ କ୍ରେଡିଟ୍ କାର୍ଡର ଅପବ୍ୟବହାର କରିଥିଲେ ଏବଂ ବିଦେଶରେ ପ୍ରାୟ ୨.୪୪ ଲକ୍ଷ ଟଙ୍କା ମୂଲ୍ୟର ଅନଧିକୃତ କାରବାର କରିଥିଲେ। ଏହି ଘଟଣା ବିଷୟରେ ଜାଣିବା ପରେ ଅଭିନେତ୍ରୀ ବ୍ୟାଙ୍କକୁ ଯୋଗାଯୋଗ କରିଥିଲେ, ତାଙ୍କ କାର୍ଡକୁ ବ୍ଲକ୍ କରିଥିଲେ ଏବଂ ମୁମ୍ବାଇ ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ଅଜଣା ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଜଳବନ୍ଦୀ ସମସ୍ୟା ନେଇ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଭେଟିଲା: ଓୟୁଜେ




ବାଲେଶ୍ୱର, ୩୦/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସମ୍ପ୍ରତି ଲଗାଣ ବର୍ଷା ଯୋଗୁଁ ସହର , ସହର ତଳି ଓ ନଦୀ କୂଳବର୍ତ୍ତି ଗ୍ରାମ ଗୁଡିକର ଜଳବନ୍ଦୀ ସମସ୍ୟା ଓ ତାର ପ୍ରତିକାର ପାଇଁ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ପ୍ରକାଶ କରିଛନ୍ତି। ଆଜି ବାଲେଶ୍ୱର ସର୍କିଟ ହାଉସ ଠାରେ ଓଡିଶା ସାମ୍ବାଦିକ ୟୁନିଅନର ପ୍ରତିନିଧି ମାନଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ଶ୍ରୀ ଚକ୍ରବର୍ତ୍ତୀ କହିଲେ ଯେ,ଜିଲ୍ଲାର ବନ୍ୟା ମୁକାବିଲା ପାଇଁ ଜିଲ୍ଲାପ୍ରଶାସନ ସମୟୋଚିତ ପଦକ୍ଷେପ ନେଇଛନ୍ତି। ଶୁଖିଲା ଓ ରନ୍ଧାଖାଦ୍ୟ,ଯୋଗାଇଦିଆ ଯିବା ସହିତ ପାଣି ଘେରରେ ଥିବା ଲୋକଙ୍କୁ ଉଦ୍ଧାର କରଯାଇଛି। ଏବେ ବି ବହୁ ଅଞ୍ଚଳ ପାଣିଘେରରେ ରହିଛି ବୋଲି ଓୟୁଜେ ସଦସ୍ୟ ମାନେ ଶ୍ରୀ ଚକ୍ରବର୍ତ୍ତୀ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।ଶ୍ରୀ ଚକ୍ରବର୍ତ୍ତୀ ବାଲେଶ୍ୱର ସହର , ରେମୁଣା ଅଞ୍ଚଳ କୁ ଯାଇ ଲୋକଙ୍କ ସମସ୍ୟା ବୁଝିଥିବା ବେଳେ ଆଜି ଉପ ଜିଲ୍ଲାପାଳ ଶିବ ମାଲୱ୍ୱିୟ ଙ୍କ ସହ ବନ୍ୟା ଅଞ୍ଚଳ ବୁଲିବାକୁ ଯାଉଛନ୍ତି ବୋଲି କହିଥିଲେ। ଓଡିଶା ସାମ୍ବାଦିକ ୟୁନିଅନର ସ୍ମରଣିକା କୁ ଶ୍ରୀ ଚକ୍ରବର୍ତ୍ତୀ ଗ୍ରହଣ କରି ୟୁନିଅନର କାର୍ଯ୍ୟକ୍ରମ କିପରି ଚାଲିଛି ପଚାରି ବୁଝିଥିଲେ। ଏଥିସହିତ ଓଡ଼ିଶା ସାମ୍ବାଦିକ ୟୁନିଅନର ଅନ୍ୟ ସଦସ୍ୟ ମାନଙ୍କ କଥା ପଚାରି ବୁଝିଥିଲେ। ଏହି ସୌଜନ୍ୟ ମୂଳକ ସାକ୍ଷାତ ବେଳେ ଉପ ଜିଲ୍ଲାପାଳ ଉପସ୍ଥିତ ଥିଲେ। ୟୁନିଅନର ସଭାପତି ଗଙ୍ଗାଧର ରାଉତ, ସଧାରଣ ସମ୍ପାଦକ ବିବେକାନନ୍ଦ ଦାସ ବରିଷ୍ଠ ସଦସ୍ୟ ମଧୁସୂଦନ ଦାସ, ଲୋକନାଥ ପୀରି, ଅଜିତ କୁମାର ମହାନ୍ତି ପ୍ରମୁଖ ସାକ୍ଷାତ କରିଥିଲେ।




# ବୁଢ଼ାବଳଙ୍ଗ ନଦୀରେ ବନ୍ୟାଜଳର ସ୍ତର ଧୀରେ ଧୀରେ କମୁଛି



ବୈଶିଙ୍ଗା, ୩୦/୭ (ନି.ପ୍ର): ସାରା ରାଜ୍ୟ ତଥା ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁଁ ବିଭିନ୍ନ ନଦୀର ଜଳ ସ୍ତର ବଢିଥିବା ବେଳେ ଆଜି ବୁଧବାର ଧୀରେ ଧୀରେ କମୁଛି ବନ୍ୟାଜଳ । ଘଟଣାସ୍ଥଳରେ ବଡ଼ସାହି ବିଧାୟକ ସନାତନ ବିଜୁଳି, ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ , ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା , ବେତନଟୀ ବିଡିଓ ମୁନା ସେଠୀ, ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରାଙ୍କ ସମେତ ପାଟଳିପୁରା ସରପଞ୍ଚ ଏବଂ ଅନ୍ୟ ପଦାଧିକାରୀ ଉପସ୍ଥିତ ରହି ବନ୍ୟା ଜଳର ସ୍ଥିତି ଅନୁଧ୍ୟାନ କରିଥିଲେ । ମୟୂରଭଞ୍ଜର ଶିମିଳିପାଳ ଏବଂ ଏହାର ପାଦଦେଶରେ ପ୍ରବଳ ବର୍ଷା ଯୋଗୁଁ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବୃଦ୍ଧି ପାଇଥିଲା ବେଳେ ଆଜି ବୁଧବାର ଜଳର ସ୍ତର ଧୀରେ ଧୀରେ କମିବାରେ ଲାଗିଛି । ବୁଢ଼ାବଳଙ୍ଗ ଏବଂ ଗଙ୍ଗାହାର ନଦୀର ବନ୍ୟାଜଳ ଶହ ଶହ ଏକର ଚାଷ ଜମିରେ ମାଡ଼ି ଯାଉଥିବା ଯୋଗୁଁ ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଧାନତଳି ମଧ୍ୟ ନଷ୍ଟ ହୋଇଯାଇଥିବାର ପରିଲକ୍ଷିତ କରାଯାଇଥିବା ବେଳେ ଏ ନେଇ ସମସ୍ତ ଚାଷୀଙ୍କ ମନବଳ ଭାଙ୍ଗି ଯାଇଛି । ଗୁରୁବାର ଅପରାହ୍ଣରେ ବୈଶିଙ୍ଗା - ବଡ଼ସାହି ମୁଖ୍ୟ ରାସ୍ତାର ବୁଢ଼ାବଳଙ୍ଗ ନଦୀର ନାଖରା ସେତୁ ନିକଟରେ ସନ୍ଧ୍ୟା ସମୟରେ ସେତୁ ର ତିନି ଚାରି ଫୁଟ ତଳେ ପ୍ରଭାହିତ ହେଉଥିବାର ଦେଖିବାକୁ ମିଳିଛି। ବନ୍ୟାଜଳ ନାଖରା , ପାଟଳିପୁରା, ଦାରିହା , କାଠପାଳ , ସିଙ୍ଗଲାମୁଣ୍ଡଳି , ଶାଳଗାଁ ପ୍ରଭୃତି ତଳିଆ ଅଞ୍ଚଳର ଗ୍ରାମବାସୀ ଏବେ ମଧ୍ୟ ଭୟବିତ ଅବସ୍ଥାରେ ରହିଛନ୍ତି । ସନ୍ଧ୍ୟା ସମୟ ପର୍ଯ୍ୟନ୍ତ ବୁଢାବଳଙ୍ଗ ନଦୀ ପାର୍ଶ୍ୱସ୍ଥ ଲୋକ ପାଳ କ୍ଷେତ ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବାର ପରିଲକ୍ଷିତ କରାଯାଇଅଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗର ଅଧିକାରୀମାନଙ୍କୁ ସତର୍କ ରହିବାକୁ ସୂଚନା ଦିଆଯାଇଥିବା ଜଣାଯାଇଛି । ନଦୀର ଜଳସ୍ତର ବଢିଥିବା କାରଣରୁ ବନ୍ୟାଜଳ କୁ ଦେଖିବା ପାଇଁ ଲୋକଙ୍କ ଭିଡ ଜମୁଥିବା ଯୋଗୁଁ ବୈଶିଙ୍ଗା ପୁଲିସ ପକ୍ଷରୁ ନାଖରା ପୋଲ ଉପରେ ପୁଲିସ ମୁତୟନ କରାଯାଇଛି । ମଙ୍ଗଳବାର ନାଖରା ସେତୁ ଉପରେ ବନ୍ୟାଜଳ ପ୍ରଭାବିତ ହୋଇଥିବା ଯୋଗୁଁ ସେତୁ ଉପରେ ଅଳିଆ ଆବର୍ଜନା ଜମା ଥିବାର ଦେଖାଯାଇଛି । ବନ୍ୟାଜଳ ର ବୃଦ୍ଧିକୁ ଦୃଷ୍ଟିରେ ରଖି ସମ୍ପୂର୍ଣ୍ଣ ଜିଲ୍ଲା ଏବଂ ବ୍ଲକ ପ୍ରଶାସନ ସଜାଗ ଥିବା ବେଳେ ଓଡ୍ରାଫ ଦଳ ମଧ ବେଲାଣପୁରା ଆଶ୍ରୟସ୍ଥଳୀରେ ସଜାଗ ଥିବା ଜଣାଯାଇଛି । ସୂଚନା ମୁତାବକ ମଙ୍ଗଳବାର ବିଳମ୍ବିତ ରାତ୍ରୀରେ ମାନଗୋବିନ୍ଦପୁର ଗ୍ରାମର ଦୁଇଟି ପରିବାର ଜଳବନ୍ଦୀ ଅବସ୍ଥାରେ ଥିବା ନେଇ ଖବର ପାଇ ଜିଲ୍ଲାପାଳ ହେମକାନ୍ତ ସାଏ , ବ୍ଲକ ପ୍ରଶାସନ, ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ , ମାଣତ୍ରୀ ଫାଣ୍ଡି ଅଧିକାରୀ ଲମ୍ବୋଧର ବାରିକ ଏବଂ ଅନ୍ୟାନ୍ୟ ଅଧିକାରୀ ଓଡ୍ରାଫ ଦଳ ସାହାଯ୍ୟରେ ସେଠାରୁ ଦୁଇଟି ପରିବାରର ଲୋକଙ୍କୁ ବୋଟ ଯୋଗେ ଉଦ୍ଧାର କରି ମାନଗୋବିନ୍ଦପୁର ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida